# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୨୭ ◆ ଭୁବନେଶ୍ୱର ◆ ସୋମବାର ◆ ଫେବୃୟାରୀ ୨୩ରୁ ମାର୍ଚ୍ଚ ୦୧, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-27 ◆ Bhubaneswar ◆ Monday ◆ February 23 to March 01, 2026 ◆ Page-8 ◆ Price Rs.4.00


## ଓଡ଼ିଆ ପୁଅ ହିରୋଦଙ୍କୁ ମୋଦୀଙ୍କ ପ୍ରଶଂସା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ଯୁବ ଚାଷୀ ହିରୋଦ ପଟେଲଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ହିରୋଦଙ୍କ ଚାଷ ଶୈଳୀକୁ ମୋଦୀ ପ୍ରଶଂସା କରିଛନ୍ତି। ବାପା ଶିବଶଙ୍କର ପଟେଲଙ୍କଠାରୁ ପ୍ରେରଣା ପାଇ ହିରୋଦ ଚାଷ କରୁଛନ୍ତି। ଧାନ, କଦଳୀ, ମାଛ ଚାଷ କରି ବେଶ୍ ଲାଭବାନ୍ ହେଉଛନ୍ତି। ହିରୋଦଙ୍କ ଚାଷ ପ୍ରଣାଳୀ ଦେଖିବାକୁ ଅନେକ ଲୋକ ଆସୁଛନ୍ତି। ତେଣୁ ହିରୋଦଙ୍କଠାରୁ ଚାଷଶୈଳୀ ଶିକ୍ଷା ନେବାକୁ ପିଏମ୍ ମୋଦୀ ପରାମର୍ଶ ଦେଇଛନ୍ତି। ସୁନ୍ଦରଗଡ଼ ଟାଙ୍ଗରପାଲୀ ବ୍ଲକ ରତନପୁର ଗାଁରେ ହିରୋଦ ପଟେଲଙ୍କ ଘର। ଆଇଟିଆଇ ପାଠପଢ଼ା ପରେ ଚାଷ କରି ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ୮ ଏକର ଜମିରେ ମାଛ, ଫଳ, ପନିପରିବା ସହ ଫୁଲ ଭଳି ବିଭିନ୍ନ ପ୍ରକାର ଚାଷ କରୁଛନ୍ତି ହିରୋଦ। ଚାଷ କାମରୁ ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।

ଏହି ଅବସରରେ ମୋଦୀ କହିଛନ୍ତି ଯେ ଆମ କୃଷକମାନେ କେବଳ ଅନ୍ନଦାତା ନୁହଁନ୍ତି। ସେମାନେ ମାଟି ମା'ର ପ୍ରକୃତ ସାଧକ। ମାଟି କିପରି ସୁନା ହେବ, ସେକଥା ଆମେ କୃଷକଙ୍କଠାରୁ ଶିଖିବା । ଆଜିର କୃଷକ ତ ପରମ୍ପରା ଏବଂ ଟେକ୍ନୋଲଜି ଉଭୟଙ୍କୁ ସାଥିରେ ନେଇ ଚାଲେ। ମୁଁ ବହୁତ ଖୁସି ଯେ ଆମ କୃଷକମାନେ କେବଳ ଉତ୍ପାଦନ କରୁନାହାନ୍ତି, ତତସହିତ ସେମାନେ ଗୁଣାତ୍ମକତା, ମୂଲ୍ୟ ମିଶ୍ରଣ ଏବଂ ନୂଆ ବଜାର ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଓଡ଼ିଶାର ଯୁବଚାଷୀ ହିରୋଦ ପଟେଲଙ୍କ କଥା ବାସ୍ତବିକ ବହୁତ ପ୍ରେରଣାଦାୟୀ। ପ୍ରାୟ ଆଠବର୍ଷ ପୂର୍ବରୁ ସେ ତାଙ୍କ ବାପା ଶିବଶଙ୍କର ପଟେଲଙ୍କ ସହିତ ପାରମ୍ପରିକ ଶୈଳୀରେ ଧାନଚାଷ କରୁଥିଲେ। କିନ୍ତୁ ସେ ଚାଷକାର୍ଯ୍ୟକୁ ଗୋଟିଏ ନୂତନ ଦୃଷ୍ଟିରେ ଦେଖିବା ଆରମ୍ଭ କଲେ। ସେ ନିଜ ଜମିରେ ଥିବା ପୋଖରୀ ଉପରେ ଗୋଟିଏ ଶକ୍ତ ଜାଲି ଡାଞ୍ଚା ତିଆରି କଲେ। ସେଠାରେ ଲତାଜାତୀୟ ପରିବା ଲଗାଇଲେ। ପୋଖରୀ ଚତୁଃଦିଗରେ କଦଳୀ, ପିଜୁଳି ଓ ନଡ଼ିଆ ଗଛ ଲଗାଇଲେ ଏବଂ ପୋଖରୀରେ ମତ୍ସ୍ୟଚାଷ ମଧ୍ୟ ଆରମ୍ଭ କଲେ। ଏହାଦ୍ୱାରା ଗୋଟିଏ ଜାଗାରେ ପାରମ୍ପରିକ ଚାଷ ହେବା ସହିତ ପରିବା, ଫଳ ଓ ମାଛଚାଷ ମଧ୍ୟ ହେଲା। ଏଥିରୁ ଜମିର ଉତ୍ତମ ଉପଯୋଗ ହେଲା, ପାଣି ସଞ୍ଚିତ ହେଲା ଏବଂ ଅତିରିକ୍ତ ଆମଦାନୀ ମଧ୍ୟ ହେଲା। ଏବେ, ଦୂରଦୂରାନ୍ତରୁ କୃଷକମାନେ ତାଙ୍କର ମଡେଲ ଦେଖିବାକୁ ଆସୁଛନ୍ତି ବୋଲି ମୋଦୀ କହିଛନ୍ତି।

## ନମୋ ଭାରତ ରାପିଡ୍ ରେଳ ଓ ମିରଟ ମେଟ୍ରୋର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିରଟଠାରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଦିଲ୍ଲୀ-ମିରଟ 'ନମୋ ଭାରତ' ରାପିଡ୍ ରେଳ ଏବଂ ମିରଟ ମେଟ୍ରୋ ମାର୍ଗର ଲୋକାର୍ପଣ କରିଛନ୍ତି। ଏହି ଅତ୍ୟାଧୁନିକ ପରିବହନ ପ୍ରକଳ୍ପ 'ବିକଶିତ ଉତ୍ତର ପ୍ରଦେଶ' ଏବଂ 'ବିକଶିତ ଭାରତ' ସଂକଳ୍ପକୁ ଆହୁରି ଗତିଶୀଳ କରିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାରତୀୟ ପରିବହନ କ୍ଷେତ୍ରରେ ଏହା ଏକ ବିରଳ ଘଟଣା, କାରଣ ଦେଶରେ ପ୍ରଥମ ଥର ପାଇଁ ନମୋ ଭାରତ ରାପିଡ୍ ରେଳ ଏବଂ ମେଟ୍ରୋ ଟ୍ରେନ୍ ଗୋଟିଏ ଷ୍ଟେସନ ଓ ସମାନ ଟ୍ରାକରେ ଚାଲିବାର ବ୍ୟବସ୍ଥା କରାଯାଇଛି।



ଏହି ସମନ୍ୱିତ ବ୍ୟବସ୍ଥା ଯୋଗୁଁ ଯାତ୍ରୀମାନେ ଅନେକ ସୁବିଧା ପାଇପାରିବେ। ସମାନ ପ୍ଲାଟଫର୍ମରୁ ଜଣେ ଯାତ୍ରୀ ସହର ଭିତରେ ମେଟ୍ରୋ ମାଧ୍ୟମରେ ଯାତ୍ରା କରିପାରିବେ ଏବଂ ସେହି ଷ୍ଟେସନରୁ ହିଁ ସିଧାସଳଖ ଦିଲ୍ଲୀକୁ ଯିବାଆସିବା କରିପାରିବେ। ଏହା ଫଳରେ ଦିଲ୍ଲୀରେ ମହଙ୍ଗା ଭଡ଼ା ଘରେ ରହି ପଢୁଥିବା ଛାତ୍ରଛାତ୍ରୀ ଏବଂ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ଏକ ବଡ଼ ସମସ୍ୟାର ସମାଧାନ ହେବ। ଡବଲ୍-ଇଞ୍ଜିନ୍ ସରକାରଙ୍କ କାର୍ଯ୍ୟ ସଂସ୍କୃତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନର ସରକାର ପ୍ରକଳ୍ପଗୁଡ଼ିକୁ ଅଧାରେ ଝୁଲାଇ ରଖନ୍ତି ନାହିଁ, ବରଂ ଯେଉଁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରନ୍ତି, ତାହାର ଉଦ୍‌ଘାଟନ ମଧ୍ୟ ନିଜେ କରନ୍ତି।

ପ୍ରଧାନମନ୍ତ୍ରୀ ଏହି ଅବସରରେ ମେଟ୍ରୋରେ ଯାତ୍ରା କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ଓ ଯାତ୍ରୀମାନଙ୍କ ସହିତ ସିଧାସଳଖ ଭାବ ବିନିମୟ କରିଥିଲେ। ସେ ଏହି ପ୍ରକଳ୍ପକୁ 'ନାରୀ-ଶକ୍ତି'ର ଏକ ଚମତ୍କାର ପ୍ରତୀକ ଭାବରେ ଅଭିହିତ କରିଛନ୍ତି, କାରଣ ଏହାର ଅଧିକାଂଶ ଟ୍ରେନ ଅପରେଟର ଏବଂ ଷ୍ଟେସନ ପରିଚାଳନା ଦାୟିତ୍ୱରେ ମହିଳାମାନେ ରହିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ୨୦୧୪ ପୂର୍ବରୁ ଦେଶର ମାତ୍ର ୫ଟି ସହରରେ ମେଟ୍ରୋ ସେବା ଥିଲା, ଯାହା ଆଜି ୨୫ରୁ ଅଧିକ ସହରକୁ ସମ୍ପ୍ରସାରିତ ହୋଇ ଭାରତକୁ ବିଶ୍ୱର ତୃତୀୟ ବୃହତ ମେଟ୍ରୋ ନେଟୱାର୍କରେ ପରିଣତ କରିଛି। ଏକ୍ସପ୍ରେସୱେ, ମାଲ ପରିବହନ କରିଡର ଏବଂ ନୂତନ ବିମାନବନ୍ଦର ଭଳି ଭିତ୍ତିଭୂମି ବିକାଶ ଦ୍ୱାରା ଉତ୍ତର ପ୍ରଦେଶ ଆଜି ଅପରାଧୀଙ୍କ କବଳରୁ ମୁକ୍ତ ହୋଇ ଏକ ପ୍ରମୁଖ ଉତ୍ପାଦନ ଓ ନିଯୁକ୍ତି କେନ୍ଦ୍ରରେ ପରିଣତ ହୋଇଛି।

## ଟ୍ରେଲର୍-ବୋଲେରୋ ମୁହାଁମୁହିଁ: ୫ ପୁଲିସ କର୍ମଚାରୀ ମୃତ



ଭୁବନେଶ୍ୱର,(ଜା.ପ୍ର): ଭୟଙ୍କର, ମର୍ମନ୍ତୁଦ, ଦୁଃଖଦ। ମୁହୂର୍ତ୍ତକ ମଧ୍ୟରେ ଚୁନା ହେଲା ପାଞ୍ଚ ପାଞ୍ଚଟି ସୁନାର ସଂସାର। ଟ୍ରେଲର-ପୁଲିସ ବୋଲେରୋ ଭିତରେ ମୁହାଁମୁହିଁ ଧକ୍କା। ଦୁର୍ଘଟଣାରେ ୫ ପୁଲିସ କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ଗୁରୁତର ହୋଇଛନ୍ତି ଆଉ ୩ ଜଣ। ଝାରସୁଗୁଡା ସଦର ଥାନା ସମ୍ମୁଖରେ ଆଜି ଭୋର୍‌ରେ ଏହି ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ ଟ୍ରେଲର ଓ ପୁଲିସ ବୋଲେରୋ ଗାଡି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ମୃତ ପୁଲିସ କର୍ମଚାରୀମାନେ ହେଉଛନ୍ତି କାଶୀରାମ ଭୋଇ, ନିରଞ୍ଜନ କୁଜୁର, ଦେବଦତ୍ତ ସା, ଲିଙ୍ଗରାଜ ଧୂରୁଆ, ଓ ଭକ୍ତବନ୍ଧୁ ମିର୍ଦ୍ଧା। ନିରଞ୍ଜନ କୁଜୁର ଡ୍ରିଲ୍ ସବ୍-ଇନ୍ସପେକ୍ଟର ଥିଲେ। ଲିଙ୍ଗରାଜ ଧୁରୁଆ ଏପିଆର ହାବିଲଦାର ଥିବା ବେଳେ ଦେବଦତ୍ତ ସା ଓ କାଶୀରାମ ଭୋଇ ଏପିଆର କନଷ୍ଟେବଲ ଥିଲେ। ସେହିପରି ମୃତ ଭକ୍ତବନ୍ଧୁ ମିର୍ଦ୍ଧା ହୋମ୍‌ଗାର୍ଡ ଥିଲେ। ଏପିଆର କନଷ୍ଟେବଲ ଯୁବରାଜ ମେହେର ଓ ଆକାଶ ନାଏକଙ୍କ ସହିତ ସରଜେଣ୍ଟ ରାଜୀବ ଭୋସାଗର ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଝାରସୁଗୁଡା ସଦର ଥାନା ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଦ୍ରୁତଗାମୀ ଟ୍ରେଲର ସହ ପୋଲିସ ଗାଡ଼ିର ଧକ୍କା ହୋଇଥିଲା। ଟ୍ରେଲର ଚାଳକଙ୍କୁ ଅଟକ ରଖି ପୁଲିସ ତଦନ୍ତ କରୁଛି। ଅନ୍ୟପକ୍ଷରେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି(ସିଏମ୍‌ଆର୍‌ଏଫ୍)ରୁ ପ୍ରତ୍ୟେକ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକଂପା ରାଶି ପ୍ରଦାନ କରାଯିବ।

ପ୍ରକାଶ ଯେ ସମସ୍ତେ ଜଣେ ପୁଲିସ ସହକର୍ମୀଙ୍କ ବିବାହ ଭୋଜିରେ ଯୋଗଦେଇ ବୋଲୋରୋରେ ଝାରସୁଗୁଡ଼ା ଫେରୁଥିଲେ। ତେବେ ରବିବାର ଭୋର୍ ପ୍ରାୟ ୪ଟା ୩୦ ମିନିଟ ସମୟରେ ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ବ୍ରଜରାଜନଗର ରାସ୍ତାର ସଦର ଥାନା ଠାରୁ ୫୦ ମିଟର ଦୂରରେ ଏକ ଟ୍ରେଲର ସହିତ ବୋଲୋରୋର ମୁହାଁମୁହିଁ ଧକ୍କା ହୋଇଥିଲା। ପରେ ଏକ ଭୟଙ୍କର ଶବ୍ଦ ହେବା ସହିତ ଆର୍ତଚିତ୍କାର ଶୁଣିବାକୁ ମିଳିଥିଲା। ନିକଟରେ ଥିବା ଏକ ମୋଟର ସାଇକେଲ ଗ୍ୟାରେଜରେ ଶୋଇଥିବା କର୍ମଚାରୀ ଭୟଙ୍କର ଶବ୍ଦରେ ଉଠି ପଡିଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପୁଲିସ୍‌ର ବୋଲେରୋ ଚୁରମାର ହୋଇଯାଇଥିଲା। ଚିପ୍‌ସ ବୋଝେଇ ଟ୍ରେଲରଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋରେ ଥିବା ବ୍ୟକ୍ତିମାନଙ୍କୁ ବାହାର କରିବା ପାଇଁ ସମୟ ଲାଗି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୫ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଓ ପୁଲିସ୍ ସମସ୍ତଙ୍କୁ ଗାଡ଼ିରୁ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ୫ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଖବର ଜଣାପଡ଼ିବା ପରେ ପୁଲିସ ବିଭାଗରେ ତଥା ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ଜିଲ୍ଲା ପୁଲିସର ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ଡାକ୍ତରଖାନା ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିଛନ୍ତି। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାନ,ଝାରସୁଗୁଡ଼ା ଏସ୍.ପି. ଗୁଣ୍ଡାଲା ରେଡ୍ଡୀ ରଘବେନ୍ଦ୍ର ଓ ବିଧାୟକ ଟଙ୍କଧର ତ୍ରିପାଠୀ ଦୁର୍ଘଟଣା ସ୍ଥଳ ସହିତ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବିଷୟରେ ବୁଝିଥିଲେ।

## ମୃତ ପୋଲିସ କର୍ମଚାରୀମାନଙ୍କୁ ପାଞ୍ଚ ଲକ୍ଷ ଟଙ୍କା ଘୋଷାଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ପ୍ରାଣହାନି ଘଟଣା ଦୁଃଖପ୍ରକାଶ



କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ତାଙ୍କ ଟ୍ୱିଟରରେ ହ୍ୟାଣ୍ଡଲ୍ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପୋଲିସ କର୍ମଚାରୀଙ୍କ ପରିବାରକୁ ୫ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଝାରସୁଗୁଡ଼ାରେ ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ପ୍ରାଣହାନି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଦୁଃଖପ୍ରକାଶ କରିବା ସହ ପ୍ରାଣ ହରାଇଥିବା ପ୍ରତ୍ୟେକ ପୋଲିସ କର୍ମଚାରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଏହି ଅର୍ଥ ପ୍ରଦାନ ଲାଗି ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଏକ ବାହାଘର ଭୋଜି ଖାଇ ଭୋରରୁ ଫେରୁଥିବା ବେଳେ ଟ୍ରେଲର ଏବଂ ପୁଲିସ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୫ ଜଣ ପୁଲିସ ଅଧିକାରୀଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଝାରସୁଗୁଡା ଜିଲ୍ଲାରେ।

ଜାତୀୟ ଚେତନା
JATIYA CHETANA



# ୱାଶିଂଟନ ଡିସିରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ



ୱାଶିଂଟନ,(ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୱାଶିଂଟନ ଡିସିରେ ଜରୁରୀକାଳୀନ ଘୋଷଣାକୁ ଅନୁମୋଦନ କରିଛନ୍ତି। ସହରର ଏକ ପ୍ରମୁଖ ସ୍ୱେରେଜ୍ ପାଇପ୍ ଫାଟିବା ପରେ ପୋଟୋମାକ୍ ନଦୀରେ ପ୍ରବଳ ମାତ୍ରାରେ ନର୍ଦ୍ଦମା ପାଣି ପ୍ରବାହିତ ହେଉଥିବାରୁ ଏବଂ ପରିସ୍ଥିତି ଜଟିଳ ରହିଥିବାରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଫେଡେରାଲ୍ ଜରୁରୀକାଳୀନ ପରିଚାଳନା ଏଜେନ୍ସି ଏକ ପ୍ରେସ୍ ରିଲିଜ୍ ମାଧ୍ୟମରେ ଜଣାଇଛି ଯେ, ଗତ ଜାନୁଆରୀ ୧୯ ତାରିଖରୁ ସ୍ୱେରେଜ୍ ଲାଇନ ଭାଙ୍ଗିବା ଯୋଗୁଁ ସୃଷ୍ଟି ହୋଇଥିବା ଏହି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ କୋଲମ୍ବିଆ ଜିଲ୍ଲାକୁ ଫେଡେରାଲ୍ ବିପର୍ଯ୍ୟୟ ସହାୟତା ଯୋଗାଇ ଦିଆଯିବ।

ଏଫଇଏମଏ ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତି ପରେ ସମସ୍ତ ପ୍ରକାରର ଉଦ୍ଧାର ଓ ସଂସ୍କାର ପ୍ରୟାସକୁ ସମନ୍ୱୟ କରିବା ପାଇଁ ଏଜେନ୍ସିକୁ ପୂର୍ଣ୍ଣ ଅଧିକାର ମିଳିଛି। ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଜନସାଧାରଣଙ୍କ କଷ୍ଟକୁ ଦୂର କରିବା, ଜୀବନ ରକ୍ଷା କରିବା, ସମ୍ପତ୍ତିର ସୁରକ୍ଷା କରିବା ଏବଂ ସର୍ବୋପରି ଜନସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ସୁନିଶ୍ଚିତ କରିବା। ଏହି ଫେଡେରାଲ୍ ସହାୟତା କୋଲମ୍ବିଆ ଜିଲ୍ଲା ସମେତ ମେରିଲ୍ୟାଣ୍ଡ ଓ ଭର୍ଜିନିଆର ସେହି ସବୁ ଅଞ୍ଚଳଗୁଡ଼ିକୁ ପ୍ରଦାନ କରାଯିବ, ଯେଉଁଠାରେ ଜିଲ୍ଲା ପ୍ରଶାସନିକ ଦାୟିତ୍ୱ ରହିଛି। ଅନ୍ୟପଟେ ୱାଶିଂଟନ୍ ଡିସିର ମେୟର ମୁରିଏଲ୍ ବାଉସର୍ ପୁନରାବୃତ୍ତି କରି କହିଛନ୍ତି ଯେ, ସ୍ୱେରେଜ୍ ଲାଇନ୍ ଫାଟିବା ଦ୍ୱାରା ପାନୀୟ ଜଳ ଯୋଗାଣ ପ୍ରଭାବିତ ହୋଇନାହିଁ। ରିପୋର୍ଟ ଅନୁଯାୟୀ, ଜାନୁଆରୀ ୧୯ ତାରିଖରେ ଡିସି ୱାଟର ଦ୍ୱାରା ପରିଚାଳିତ ଏକ ବିଶାଳ ସ୍ୱେରେଜ୍ ପାଇପଲାଇନ, ଯାହାକୁ 'ପୋଟୋମାକ୍ ଇଣ୍ଟରସେପ୍ଟର' କୁହାଯାଏ, ତାହାର ଏକ ଅଂଶ ଫାଟି ଯାଇଥିଲା। ଏହା ଫଳରେ ପ୍ରାୟ ୨୦୦ ମିଲିୟନ୍ ଗ୍ୟାଲନରୁ ଅଧିକ ଅଶୋଧିତ ନର୍ଦ୍ଦମା ପାଣି ପୋଟୋମାକ୍ ନଦୀକୁ ନିର୍ଗତ ହୋଇଛି। ଫେବୃଆରୀ ୧୮ ତାରିଖରେ ମେୟର ବାଉସର୍ ଫେଡେରାଲ୍ ସହାୟତା ଲୋଡ଼ିବା ପାଇଁ ଏହି ଏକ ମାସ ଧରି ଚାଲିଥିବା ଘଟଣାକୁ ସ୍ଥାନୀୟ ସାଧାରଣ ଜରୁରୀକାଳୀନ ପରିସ୍ଥିତି ଭାବେ ଘୋଷଣା କରିଥିଲେ।

# ମୋଦୀଙ୍କ ମନ୍ କୀ ବାତ୍‌ରେ ଟି-୨୦ ବିଶ୍ୱକପ୍: 'ଗ୍ଲୋବାଲ୍ ଏଆଇ ସମିଟ୍ ଟର୍ଣ୍ଣିଂ ପଏଣ୍ଟ୍'

ନୂଆଦିଲ୍ଲୀ,(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ର ୧୩୧ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛି। ଏହି ଅବସରରେ ଦିଲ୍ଲୀରେ ଆୟୋଜିତ ଗ୍ଲୋବାଲ୍ ଏଆଇ ଇମ୍ପାକ୍ଟ ସମିଟ୍‌ର ଉପଲବ୍ଧିର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, କେତେକ ଦେଶର ନେତା, ଉଦ୍ୟୋଗ ଜଗତର ଲିଡର୍, ଇନୋଭେଟ ଏବଂ ଷ୍ଟାର୍ଟଅପ୍ ସେକ୍ଟର ସହ ଜଡ଼ିତ ଲୋକ ଏହି ସମିଟ୍ ପାଇଁ ଭାରତ ମଣ୍ଡପମ୍‌ରେ ଏକତ୍ର ହୋଇଛନ୍ତି। ଆଗାମୀ ସମୟରେ ଏଆଇ ଶକ୍ତିର ଉପଯୋଗ ବିଶ୍ୱ କେଉଁ ପ୍ରକାର କରିବ, ଏହି ଦିଗରେ ଏହି ସମିଟ୍ ଏକ ଟର୍ଣ୍ଣିଂ ପଏଣ୍ଟ୍ ସାବ୍ୟସ୍ତ ହୋଇଛି। ଏହି ସମିଟ୍‌ରେ ବିଶ୍ୱକୁ ଏଆଇ କ୍ଷେତ୍ରରେ ଭାରତର ଅଭୁତ କ୍ଷତମା ଦେଖିବାକୁ ମିଳିଛି ବୋଲି ସେ କହିଛନ୍ତି। ସେହିପରି ଚାଲିଥିବା ଆଇସିସି ଟି-୨୦ ବିଶ୍ୱକପ୍ କ୍ରିକେଟ୍ ସମ୍ପର୍କରେ କହିଛନ୍ତି ମ୍ୟାଚ୍ ଦେଖିବା ସମୟରେ ବହୁବାର ଆଖବ କୌଣସି ଖାସ୍ ଖେଳାଳିଙ୍କ ଉପରେ ଲାଗି ରହିଥାଏ। ଜର୍ସି କୌଣସି ଅନ୍ୟ ଦେଶର ହୋଇଥାଏପାରେ ମାତ୍ର ନାଁ ଶୁଣି ଲାଗୁଛି, ଇୟେ ତ ଆମ ନିଜ ଦେଶର। ସେତେବେଳେ ହୃଦୟର କୌଣସି ଏକ କୋଣରେ ଏକ ଖୁସି ଜନ୍ମ ନେଇଥାଏ। କାରଣ ଖେଳାଳି ଭାରତୀୟ ବଂଶୋଦ୍ଭବ ହୋଇଥିବା ବେଳେ ତାଙ୍କ ପରିବାର ବସବାସ କରୁଥିବା ଦେଶରୁ ସେ ଖେଳିଥାନ୍ତି। କାନାଡ ଟିମ୍‌ରେ ସର୍ବାଧିକ ଭାରତୀୟ ବଂଶୋଦ୍ଭବ ଖେଳାଳି ଅଛନ୍ତି ବୋଲି ସେ କହିଛନ୍ତି। ମନ୍ କୀ ବାତ୍ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କେରଳର କୁନି ଆଲିନ୍ ଶେରିନ୍ ଆବ୍ରାହମ୍‌ଙ୍କ ମୃତ୍ୟୁରେ ଦୁଃଖପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଆଲିନ୍ ମାତ୍ର ୧୦ ମାସ ବୟସରେ ଦୁନିଆରୁ ଚାଲିଯାଇଛନ୍ତି। କିନ୍ତୁ ଏତେ ଦୁଃଖ ମଧ୍ୟରେ ମଧ୍ୟ ତାଙ୍କ ପିତା ଅରୁଣା ଆବ୍ରାହମ୍ ଏବଂ ମା' ଶେଲିନ୍ ଏପରି ଏକ ନିଷ୍ପତ୍ତି ନେଇଛନ୍ତି ଯାହା ଦ୍ୱାରା ପ୍ରତ୍ୟେକ ଦେଶବାସୀଙ୍କ ହୃଦୟ ତାଙ୍କ ପ୍ରତି ସମ୍ମାନରେ ଭରିଯାଇଛି। ସେମାନେ ଅଲିନ୍‌ଙ୍କ ଅଙ୍ଗଦାନର ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀର ଲକ୍ଷ୍ମୀ ଦେବୀଙ୍କ ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି। ସେ ଗତବର୍ଷ କେଦାରନାଥ ଯାତ୍ରା କରିଥିଲେ। ତେବେ ଆଶ୍ଚର୍ଯ୍ୟ ହେବେ ସେ ଏହି ଯାତ୍ରା ହାର୍ଟ ଟ୍ରାନ୍ସପ୍ଲାଣ୍ଟ ପରେ କରିଥିଲେ। ତାଙ୍କୁ ଜଣେ ଡୋନରଙ୍କ ହାର୍ଟ ମିଳିଥିଲା। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି।

# କଂଗ୍ରେସକୁ ବଡ଼ ଝଟ୍‌କା: ବିଜେପିରେ ସାମିଲ ହେଲେ ଆସାମ କଂଗ୍ରେସର ପୂର୍ବତନ ସଭାପତି ଭୂପେନ ବୋରା

ନୂଆଦିଲ୍ଲୀ,(ଏଜେନ୍ସି): ଦେଶର ରାଜନୈତିକ କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ଆସାମ କଂଗ୍ରେସର ପୂର୍ବତନ ରାଜ୍ୟ ସଭାପତି ଭୂପେନ ବୋରା ଆଜି ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟି (ବିଜେପି)ରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି।



ଭୂପେନ ବୋରା ଆସାମ କଂଗ୍ରେସର ଜଣେ ପ୍ରଭାବଶାଳୀ ନେତା ଭାବେ ଜଣାଶୁଣା। ସେ ୨୦୨୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ଆସାମ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ତୁଲାଇଥିଲେ। ତେବେ ଗତ କିଛି ଦିନ ଧରି ଦଳ ମଧ୍ୟରେ ଚାଲିଥିବା ଅସନ୍ତୋଷ ଯୋଗୁଁ ସେ ଫେବୃଆରୀ ୧୬ ତାରିଖରେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବିଜେପିରେ ତାଙ୍କର ଏହି ମିଶ୍ରଣ କଂଗ୍ରେସ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି। ବିଜେପି ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ତାଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିବା ସହ କହିଛନ୍ତି ଯେ, ଭୂପେନଙ୍କ ଅଭିଜ୍ଞତା ବିଜେପିକୁ ଆଗାମୀ ଦିନରେ ଆସାମ ସମେତ ସମଗ୍ର ଉତ୍ତର-ପୂର୍ବ ଭାରତରେ ଆହୁରି ମଜବୁତ କରିବ। ଭୂପେନ ବୋରାଙ୍କ ସହ ତାଙ୍କର ଅନେକ ସମର୍ଥକ ମଧ୍ୟ ବିଜେପିରେ ଯୋଗ ଦେଇଥିବା ସୂଚନା ମିଳିଛି। ଏହି ମିଶ୍ରଣ ପରେ ଆସାମ ରାଜନୀତିରେ କଂଗ୍ରେସର ସ୍ଥିତିକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

# ବାଜିଲା ରାଜ୍ୟସଭା ବିଗୁଲ୍, ମାର୍ଚ୍ଚ ୧୬ରେ ନିର୍ବାଚନ

**ନୂଆଦିଲ୍ଲୀ,(ଏଜେନ୍ସି):** ବାଜିଲା ରାଜ୍ୟସଭା ନିର୍ବାଚନ ବିଗୁଲ। ଘୋଷଣା ହୋଇଛି ବିଧିବଦ୍ଧ ତାରିଖ। ରାଜ୍ୟସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି ଜାତୀୟ ନିର୍ବାଚନ କମିଶନ (ଇସିଆଇ)। ଆସନ୍ତା ମାର୍ଚ୍ଚ ୧୬ରେ ଅନୁଷ୍ଠିତ ହେବ ରାଜ୍ୟସଭା ନିର୍ବାଚ। ଓଡ଼ିଶାର ୪ଟି ଆସନ ସହ ୧୦ ରାଜ୍ୟର ୩୭ ଆସନରେ ନିର୍ବାଚନ ପାଇଁ ତାରିଖଘୋଷଣା ହୋଇଛି। ଆସନ୍ତା ଏପ୍ରିଲ ମାସରେ ରାଜ୍ୟସଭାରେ ୧୦ଟି ରାଜ୍ୟର ୩୭ଟି ଆସନ ଖାଲି ହେବାକୁ ଯାଉଛି। ସେଥି ମଧ୍ୟରୁ ଓଡ଼ିଶାର ୪ଟି ଆସନ ରହିଛି। ତେଣୁ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି ଜାତୀୟ ନିର୍ବାଚନ କମିଶନ। ଜାତୀୟ ନିର୍ବାଚନ କମିଶନ ଏନେଇ ବୁଧବାର ବିଧିବଦ୍ଧ ତାରିଖ ଘୋଷଣା କରିଛନ୍ତି। ରାଜ୍ୟସଭା ନିର୍ବାଚନ ସୂଚୀ ଅନୁଯାୟୀ ଫେବୃଆରୀ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ୫ ନାମାଙ୍କନ ଦାଖଲର ଶେଷ ତାରିଖ, ୬ରେ ଯାଞ୍ଚ ହେବ। ମାର୍ଚ୍ଚ ୯ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ମାର୍ଚ୍ଚ ୧୬ ତାରିଖ ସକାଳ ୯ରୁ ଅପରାହ୍ନ ୪ ଯାଏଁ ଭୋଟ୍ ଗ୍ରହଣ। ସେହିଦିନ ଅପରାହ୍ନ ୫ଟାରେ ହେବ ଭୋଟ୍ ଗଣତି।

ପ୍ରକାଶ ଯେ ଓଡ଼ିଶା, ତେଲେଙ୍ଗାନା, ମହାରାଷ୍ଟ୍ର, ତାମିଲନାଡ୍ରୁ, ପଶ୍ଚିମବଙ୍ଗ, ଆସାମ, ବିହାର, ଛତିଶଗଡ଼, ହରିଆଣା ଓ ହିମାଚଳପ୍ରଦେଶରେ ୩୭ ସିଟ ପାଇଁ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ଖାଲି ଆସନଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରର ୭ଟି, ଓଡ଼ିଶାରେ ୪ଟି, ତାମିଲନାଡ୍ରୁରେ ୬ଟି, ପଶ୍ଚିମବଙ୍ଗରେ ୫ଟି, ତେଲେଙ୍ଗାନାର ୨ଟି, ଆସାମର ୩ଟି, ବିହାରର ୬ଟି, ଛତିଶଗଡ଼ର ୨ଟି, ହରିୟାଣାର ୨ଟି ଆସନ, ହିମାଚଳ ପ୍ରଦେଶର ଗୋଟିଏ ଆସନ ରହିଛି। ଓଡ଼ିଶାର ୪ ଜଣ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ମୁନ୍ନା ଖାନ୍, ସୁଜିତ କୁମାର ଓ ନିରଞ୍ଜନ ବିଶିଙ୍କ ରାଜ୍ୟସଭା ସଦସ୍ୟତା କାର୍ଯ୍ୟକାଳ ଏପ୍ରିଲ ୨ ତାରିଖରେ ଶେଷ ହେଉଛି। ଏହା ପୂର୍ବରୁ ନିର୍ବାଚନ ପାଇଁ ସୂଚନା ଜାରି କରିଛନ୍ତି ଭାରତୀୟ ନିର୍ବାଚନ କମିଶନ।

ସେପଟେ ଓଡ଼ିଶାର ଖାଲି ହେବାକୁ ଥିବା ୪ଟି ରାଜ୍ୟସଭା ଆସନକୁ ନେଇ ଅଙ୍କକଷା ଆରମ୍ଭ ହୋଇଗଲାଣି। ସଂଖ୍ୟା ଦୃଷ୍ଟିରୁ ବିଜେପି ଦୁଇଟି ଓ ବିଜେଡି ଗୋଟିଏ ଆସନ ସହଜରେ ଜିତି ପାରିବେ। ତେବେ ପ୍ରାର୍ଥୀ କିଏ ହେବେ ସେ ନେଇ ସସପେନ୍ସ ଜାରି ରହିଛି। ସେହିପରି ତୃତୀୟ ଆସନ ପାଇଁ ବିଜେଡି, ବିଜେପି ଓ କଂଗ୍ରେସ ପାଖରେ ପର୍ଯ୍ୟାପ୍ତ ସଂଖ୍ୟା ନାହିଁ। ତେଣୁ ଚତୁର୍ଥ ଆସନ ଗଣିତ ରୋଚକ ହେବ। ସଂଖ୍ୟା ନଥାଇ ମଧ୍ୟ ଚତୁର୍ଥ ଆସନ ଆମେ ନେବୁ ବୋଲି ବିଜେଡି ଓ ବିଜେପି ନେତା ଦାବି କରୁଛନ୍ତି। କଂଗ୍ରେସ ମଧ୍ୟ ଚତୁର୍ଥ ଆସନ ଉପରେ ଆଖେଇଛି। ସଂଖ୍ୟା ନ ଥାଇ କଂଗ୍ରେସ ରାଜ୍ୟସଭା ଲଢେଇରେ ଏଣ୍ଟ୍ରି ମାରିବାକୁ ମନସ୍ଥ କରିଥିବାରୁ ଚତୁର୍ଥ ଆସନ କିଏ ଦଖଲ କରିବ ତାହା ସବୁଠୁ ବଡ଼ ପ୍ରଶ୍ନ। କିନ୍ତୁ ଚତୁର୍ଥ ଆସନ ପାଇଁ ୩ ରାଜନୈତିକ ଦଳର ରଣନୀତି ଉପରେ ସମସ୍ତଙ୍କର ନଜର ରହିବ।

# ଭାରତ-ବ୍ରାଜିଲ ସମ୍ପର୍କରେ ନୂଆ ଅଧ୍ୟାୟ: ୨୦ ବିଲିୟନ ଡଲାରର ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ,(ଏଜେନ୍ସି):** ୟୁରୋପୀୟ ସଂଘ ଏବଂ ଆମେରିକା ପରେ ଭାରତ ଏବେ ବ୍ରାଜିଲ ସହ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରି ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ଶିଖରକୁ ନେଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିଓ ଲୁଲା ଡା ସିଲଭାଙ୍କ ମଧ୍ୟରେ ବାଣିଜ୍ୟିକ ସହଯୋଗ ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହି ଚୁକ୍ତି ଅନୁଯାୟୀ, ଆଗାମୀ ୫ ବର୍ଷ ଅର୍ଥାତ୍ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାରରେ ପହଞ୍ଚାଇବାକୁ ଉଭୟ ଦେଶ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୫ ମସିହାରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର ୧୫.୨୧ ବିଲିୟନ ଡଲାର ରହିଥିଲା, ଯେଉଁଥିରେ ଭାରତର ରପ୍ତାନି ୮.୩୫ ବିଲିୟନ ଡଲାର ଏବଂ ବ୍ରାଜିଲରୁ ଆମଦାନି ୬.୮୫ ବିଲିୟନ ଡଲାର ଥିଲା। ବର୍ତ୍ତମାନ ବ୍ରାଜିଲରେ ଭାରତୀୟ ନିବେଶ ୧୫ ବିଲିୟନ ଡଲାର ଅତିକ୍ରମ କରିସାରିଛି।

ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ କହିଛନ୍ତି ଯେ, ବ୍ରାଜିଲ ହେଉଛି ଲାଟିନ୍ ଆମେରିକାରେ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ଭାରତ-ମର୍କୋସୁର ବାଣିଜ୍ୟ ଚୁକ୍ତିର ସମ୍ପ୍ରସାରଣ ଦ୍ୱାରା ଆର୍ଥିକ ସହଯୋଗ ଆହୁରି ମଜବୁତ ହେବ। ଏହା ବ୍ୟତୀତ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ଭାରତ ଓ ବ୍ରାଜିଲ ମଧ୍ୟରେ ସହଯୋଗ ସମଗ୍ର 'ଗ୍ଲୋବାଲ ସାଉଥ୍' ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ଏବେ ବ୍ରାଜିଲରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ କାର୍ଯ୍ୟ କରୁଛି। କୃତ୍ରିମ ବୁଦ୍ଧିମତ୍ତା, ସୁପର କମ୍ପ୍ୟୁଟର, ସେମିକଣ୍ଡକ୍ଟର ଓ ବ୍ଲକଚେନ୍ ଭଳି କ୍ଷେତ୍ରକୁ ପ୍ରାଥମିକତା ଦିଆଯାଉଛି। ଶକ୍ତି କ୍ଷେତ୍ରରେ ହାଇଡ୍ରୋକାର୍ବନ ସହିତ ନବୀକରଣୀୟ ଶକ୍ତି, ଇଥାନଲ ମିଶ୍ରଣ ଓ ସ୍ଥାୟୀ ବିମାନ ଇନ୍ଧନ ଭଳି ପ୍ରସଙ୍ଗରେ ମଧ୍ୟ ଦୁଇ ଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି।

# ୫ ରାଜ୍ୟରେ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି: ରାଜ୍ୟ ଗସ୍ତ କରିବେ ନିର୍ବାଚନ ଆୟୁକ୍ତ

**ନୂଆଦିଲ୍ଲୀ,(ଏଜେନ୍ସି):** ଚଳିତ ବର୍ଷ ଏପ୍ରିଲ-ମେ ମାସ ମଧ୍ୟରେ କେରଳ, ତାମିଲନାଡ୍ରୁ, ପୁଡୁଚେରୀ, ପଶ୍ଚିମବଙ୍ଗ ଓ ଆସାମ ଆଦି ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ କେନ୍ଦ୍ର ନିର୍ବାଚନ ଆୟୋଗ ପ୍ରସ୍ତୁତି ଜୋରଦାର କରିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଦଳ ବିଭିନ୍ନ ରାଜ୍ୟ ଗସ୍ତ କରି ନିର୍ବାଚନ ସଜବାଜର ସମୀକ୍ଷା କରୁଛନ୍ତି।

ସୂଚନା ଅନୁଯାୟୀ, ଆୟୋଗଙ୍କ ଦଳ ଫେବୃଆରୀ ୨୨ ଓ ୨୩ରେ କେରଳ, ୨୫ରେ ପୁଡୁଚେରୀ ଏବଂ ୨୬ ଓ ୨୭ ତାରିଖରେ ତାମିଲନାଡ୍ରୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମାର୍ଚ୍ଚ ପ୍ରଥମ ସପ୍ତାହରେ ପଶ୍ଚିମବଙ୍ଗ ଗସ୍ତ ପରେ ନିର୍ବାଚନ ତାରିଖ ଘୋଷଣା ହେବାର ସମ୍ଭାବନା ରହିଛି। ଆସାମରେ ୧୪ ଏପ୍ରିଲରେ ପଡୁଥିବା ବିହୁ ପର୍ବକୁ ଧ୍ୟାନରେ ରଖି ନିର୍ବାଚନ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏହି ୫ଟି ରାଜ୍ୟର ବିଧାନସଭା କାର୍ଯ୍ୟକାଳ ଆସନ୍ତା ମେ ଏବଂ ଜୁନ୍ ମାସରେ ଶେଷ ହେଉଛି।

ଜାତୀୟ ଚେତନା
JATIYA CHETANA



# ୩.୧୦ ଲକ୍ଷ କୋଟିର ଓଡ଼ିଶା ବଜେଟ୍

## ଚାଷୀ ଓ ମହିଳାଙ୍କ ଉପରେ ଅର୍ଥ ବର୍ଷା

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ଏକ ବିଶାଳ ବଜେଟ ଉପସ୍ଥାପନ କରିଛନ୍ତି। ଯାହା ଗତ ବର୍ଷର ବଜେଟ ତୁଳନାରେ ୬.୯ ପ୍ରତିଶତ ଅଧିକ। ରାଜ୍ୟର ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଭାବେ କ୍ରମାଗତ ତୃତୀୟଥର ପାଇଁ ସେ ଏହି ବଜେଟ ଉପସ୍ଥାପନ କରିଛନ୍ତି। ଏଥର ବଜେଟରେ ଗରିବ, ଚାଷୀ, ମହିଳା କଲ୍ୟାଣ, ଗ୍ରାମୀଣ ବିକାଶ, ସହରାଞ୍ଚଳ ଓ ଜଳସେଚନର ଉନ୍ନତି, ପୁଞ୍ଜିନିବେଶ, ବନ୍ଦର ଭିତ୍ତିକ ଶିଳ୍ପର ବିକାଶ, ଶିଳ୍ପାୟନ ଓ ସାର୍ବଜନୀନ କ୍ରୀଡ଼ାକୁ ପ୍ରାଧାନ୍ୟ ଦେଇ ସରକାର ସବୁ ବର୍ଗକୁ ଖୁସି କରିବାକୁ ଉଦ୍ୟମ କରିଛନ୍ତି।



ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣା ଏବଂ ଆପଣମାନଙ୍କ ଅକୁଣ୍ଠ ଭରସାକୁ ପାଥେୟ କରି ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମେ ଦୃଢ଼ ପଦକ୍ଷେପ ନେଉଛୁ। ଗତବର୍ଷ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟିର ପୂର୍ଣ୍ଣାଙ୍ଗ ବଜେଟ ଆଣିଥିଲେ। ଗତ ଠାରୁ ୨୦ ହଜାର କୋଟି ଟଙ୍କା ଅଧିକ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭିଜନ ୨୦୩୬ ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଗଠନ ଲକ୍ଷ୍ୟ ରହିଛି। ରାଜ୍ୟ ବଜେଟ୍‌ର ଗୁଣାତ୍ମକ ଦିଗ ସ୍ପଷ୍ଟ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧.୮୦ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ କାର୍ଯ୍ୟକ୍ରମ ବ୍ୟୟ ମୋଟ୍ ବଜେଟ୍ ଆକାରର ୫୮%ରୁ ଅଧିକ। ୨୦୨୬-୨୭ରେ ପୁଞ୍ଜି ବ୍ୟୟ ଅଟକଳ ୭୨,୧୦୦ କୋଟି ଟଙ୍କା, ଯାହାକି ଜିଏସ୍‌ଡିପିର ୬.୫ ପ୍ରତିଶତ ଏବଂ ରାଜ୍ୟ ବଜେଟ୍ ଆକଳନର ୨୩.୩ ପ୍ରତିଶତ। ଓଡ଼ିଶାର ପୁଞ୍ଜି ବ୍ୟୟର ଅନୁପାତ ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମଧ୍ୟରେ ସର୍ବାଧିକ। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରଶାସନିକ ବ୍ୟୟ ବବାଦକୁ ୧ ଲକ୍ଷ ୧୪ ହଜାର କୋଟି ଟଙ୍କାର ପ୍ରସ୍ତାବ ରହିଛି। ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୫ ହଜାର ୩ ଶହ ୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ରାଜ୍ୟରୁ ହସ୍ତାନ୍ତର ପାଇଁ ୧୦ ହଜାର ୬ ଶହ ୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଷୋଡ଼ଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ୩ ହଜାର ୫୬ କୋଟି ଟଙ୍କା ଏବଂ ଷଷ୍ଠ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିସ କ୍ରମେ ପ୍ରାୟ ୭ ହଜାର ୪ ଶହ ୫୦ କୋଟି ଟଙ୍କା ମିଳିବ ବୋଲି ଆକଳନ କରାଯାଇଛି। କୃଷିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଆମ ସରକାର ୧୫ ଲକ୍ଷ ହେକ୍ଟର ଏକ ଜମିରେ ଜଳସେଚନ କରିବେ। 'ସମୃଦ୍ଧ କୃଷକ ଯୋଜନା' ଅଧୀନରେ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟ ପାଇଁ ୬ ହଜାର ୮୮ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଚାଷୀମାନଙ୍କୁ ସମୟୋଚିତ ପୈଠ ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ୫ ହଜାର କୋଟି ଟଙ୍କାର ଏକ ଆବର୍ତ୍ତନ ପାଣ୍ଠି ଗଠନ ହୋଇଛି। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ କରାଯିବାର ପ୍ରସ୍ତାବ ଥିବାବେଳେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଚାଷୀ, ଜମି ମାଲିକ, ଭୂମିହୀନ ପରିବାର ଏବଂ ବିଶେଷ ଭାବେ ସମ୍ବେଦନଶୀଳ ଜନଜାତିଙ୍କ ପାଖରେ ଅତିରିକ୍ତ ସହାୟତା ନିମନ୍ତେ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାକୁ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ଜରିଆରେ କାର୍ଯ୍ୟକାରୀ କରିବା ପାଇଁ ୨ ହଜାର ୩୦ କୋଟି ଟଙ୍କାର ପ୍ରସ୍ତାବ । 'ଶ୍ରୀ ଅନ୍ନ ଅଭିଯାନ' ପାଇଁ ୪ ଶହ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଫସଲ ବିବିଧକରଣ କାର୍ଯ୍ୟକ୍ରମ, ସ୍ୱଦେଶୀ ପ୍ରଜାତିର ଧାନକୁ ପ୍ରୋତ୍ସାହନ ଏବଂ ଅମଳ ପରବର୍ତ୍ତୀ ଧାନ ପଡ଼ିଆର ବ୍ୟାପକ ପରିଚାଳନା ଆଦି ପଦକ୍ଷେପ ପାଇଁ ମୋଟ ୪ ଶହ ୬୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୬ଟି ଜିଲ୍ଲାରେ କଫି ଚାଷ ପାଇଁ ୧ ଶହ ୫୦ କୋଟି ଟଙ୍କା, ପ୍ରଯୁକ୍ତିବିଦ୍ୟା ଦ୍ୱାରା ଉନ୍ନତ ବଳଭଦ୍ର ଜୈବିକ ଚାଷ ମିଶନ ନିମନ୍ତେ ୨୮ କୋଟି, ଆଖୁ ଚାଷ ନିମନ୍ତେ ୨୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ନିମନ୍ତେ ୨୩ ହଜାର ୧୮୨ କୋଟି ଟଙ୍କାର ମୋଟ ବ୍ୟୟବରାଦ ହୋଇଥିବାବେଳେ 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ'-୫୦୦୮ କୋଟି ଟଙ୍କା, ନିର୍ମଳ ଯୋଜନା -୯୮୬ କୋଟି ଟଙ୍କା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା-୬୩୦୯ କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୧,୯୫୮ କୋଟି ଟଙ୍କା, 'ନିରାମୟ' ଯୋଜନାରେ ୭୮୬ କୋଟି ଟଙ୍କା, 'ନିଦାନ' ପାଇଁ ୩୭୧ କୋଟି ଟଙ୍କା, ଜରୁରୀକାଳୀନ ଚିକିତ୍ସା ଆମ୍ବୁଲାନ୍ସ ସେବା ପାଇଁ ୧୯୮ କୋଟି ଟଙ୍କା, ଆଶାକର୍ମୀଙ୍କ କଲ୍ୟାଣ ନିମନ୍ତେ 'ସ୍ୱାସ୍ଥ୍ୟ ସହାୟ' ଯୋଜନା ଅଧୀନରେ ୧୮୩ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ରାଜ୍ୟର ସମସ୍ତ ମେଡିକାଲ କଲେଜରେ ରକ୍ତଭଣ୍ଡାର ପ୍ରତିଷ୍ଠା, ସମସ୍ତ ରକ୍ତଭଣ୍ଡାରର ଉନ୍ନତିକରଣ ଏବଂ ଆଧୁନିକୀକରଣ ପାଇଁ 'ଅଟଳ ରକ୍ତ ଦାନ ଅଭିଯାନ' କରାଯାଇଛି। ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ ପାଇଁ ୩୧୧ କୋଟି ଟଙ୍କା ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ବ୍ୟକ୍ତି, ଟ୍ରାନ୍ସଜେଣ୍ଡର ବ୍ୟକ୍ତି ଏବଂ ଭିକାରୀଙ୍କ ପାଇଁ ଆବାସିକ ଏବଂ ସହାୟକ ସୁବିଧା ପାଇଁ ୧୦୯ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଭିନ୍ନ ମହିଳା ଏବଂ ଶିଶୁ କେନ୍ଦ୍ରିକ ନୀତି ଏବଂ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରାଯାଇ ୧୮,୯୫୭ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲାବେଳେ ମମତା ଯୋଜନା ପାଇଁ ୩୨୦ କୋଟି ଟଙ୍କା, ସୁଭଦ୍ରା ଯୋଜନା ପାଇଁ ୧୦,୧୪୫ କୋଟି ଟଙ୍କା, 'ସମୃଦ୍ଧ ଅଙ୍ଗନୱାଡି ଯୋଜନା' - ୬୩୫ କୋଟି ଟଙ୍କା, ସମନ୍ୱିତ ବାତ୍ସଲ୍ୟ ସଦନ-୬୨ କୋଟି ଟଙ୍କା, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା- ୫୫୨ କୋଟି ଟଙ୍କା ଓ ଓଡିଶା ପୁଷ୍ଟି ମିଶନ – ୧୦୦ କୋଟି ଟଙ୍କା ମିଳିଛି। ସମଗ୍ର ଶିକ୍ଷାକୁ ରାଜ୍ୟ ସହାୟତା ୧୧୩୧ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲାବେଳେ ସମଗ୍ର ଶିକ୍ଷା-୩୮୦୫ କୋଟି ଟଙ୍କା, ଗଙ୍ଗାଧର ମେହେର ଶିକ୍ଷାମାନଙ୍କ ବୃଦ୍ଧି ଯୋଜନା -୩୮୫ କୋଟି, ଓଡିଶା ଆଦର୍ଶ ବିଦ୍ୟାଳୟ –୧୨୨୪ କୋଟି ଟଙ୍କା, ମଦ୍ରାସା ଶିକ୍ଷା ପାଇଁ -୨୩ କୋଟି ଟଙ୍କା, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମ-୧୦୧୦ କୋଟି, ଐତିହ୍ୟ ବିଦ୍ୟାଳୟ-୧୩୧ କୋଟି ଟଙ୍କା, ପଞ୍ଚସଖା ଶିକ୍ଷା ସେତୁ -୨୩୪ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ବଜେଟ୍ କେବଳ ଏକ ଆର୍ଥିକ ଦସ୍ତାବିଜ ନୁହେଁ, ବରଂ ରାଜ୍ୟର ପ୍ରତିଟି ଶ୍ରେଣୀର ଆଶା ଓ ଆକାଂକ୍ଷାର ପ୍ରତିଫଳନ। ଆମର ଲକ୍ଷ୍ୟ ସ୍ପଷ୍ଟ। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ବିକାଶର ସୁଫଳ ପହଞ୍ଚାଇବା। ଅନ୍ନଦାତାଙ୍କ ସମୃଦ୍ଧି, ନାରୀଶକ୍ତିଙ୍କ ସଶକ୍ତିକରଣ ଓ ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରି 'ଅନ୍ତ୍ୟୋଦୟ'ର ସ୍ୱପ୍ନକୁ ସାକାର କରିବା ପାଇଁ ବଜେଟ୍ ସଂକଳ୍ପବଦ୍ଧ। ଏକ ସମୃଦ୍ଧ ଓ ସ୍ୱାଭିମାନୀ ଓଡ଼ିଶା ଗଠନର ଏହି ମହାଯଜ୍ଞରେ ଆମେ ସମସ୍ତେ ସହଭାଗୀ ହେବା ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି।

## ଏଣିକି ଟେଟ୍ରା ପ୍ୟାକ୍‌ରେ ମଦ

ଭୁବନେଶ୍ୱର,(ଜା.ପ୍ର): ଏଣିକି କ୍ଷୀର, ଜୁସ ପ୍ୟାକେଟ ଭଳି ମିଳିବ ମଦ ! ୧୮୦ ଏମଏଲ ବା ନିବ୍ ଏବେ ମୋଟା କାଗଜ ପ୍ୟାକେଟରେ ଆସିବ। କାଚ ବୋତଲରେ ମଦ ବିକ୍ରି ଉପରେ ଲାଗିପାରେ କଟକଣା। ବିଧାନସଭାରେ ଏସଂପର୍କିତ ଅବକାରୀ ମନ୍ତ୍ରୀଙ୍କ ଲିଖିତ ଉତ୍ତରରୁ ସାମ୍ନାକୁ ଆସିଛି ସରକାରଙ୍କ ଏଭଳି ବଡ଼ ନିଷ୍ପତ୍ତିର ସୁରାକ୍। ରାଜ୍ୟରେ ଠିପିଖୋଲା ଓ ଠିପି ବନ୍ଦ ମଦ କାଚ ବୋତଲରେ ବିକ୍ରି କାରଣରୁ ପରବର୍ତ୍ତୀ ସମୟରେ ଏହା ଅଘଟଣର କାରଣ ସାଜୁଥିବା ଦର୍ଶାଇ ଏହାର ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ସରକାରଙ୍କ ପଦକ୍ଷେପ ଜାଣିବାକୁ ଚାହିଁଥିଲେ ବିଧାୟକ ସନା ମହାକୁଡ଼। ଯାହାର ଉତ୍ତରରେ ଅବକାରୀ ମନ୍ତ୍ରୀ ଦର୍ଶାଇଛନ୍ତି ଅବକାରୀ ନୀତି ଅନୁସାରେ କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦିଆଯାଇଛି। ଯାହା ପରିବେଶ ସୁରକ୍ଷା ପାଇଁ ମଧ୍ୟ ଅନୁକୂଳ । ଏହା ସହିତ ପରିବେଶ ସୁରକ୍ଷା ଦୃଷ୍ଟିରୁ ସରକାର କାଚ ବୋତଲର ରିସାଇକ୍ଲିଂ ପାଇଁ ବି ଉତ୍ସାହିତ କରୁଥିବା ଉତ୍ତରରେ ଦର୍ଶାଯାଇଛି। ତେବେ ନୂଆ ଅବକାରୀ ନୀତିରେ ଏନେଇ ସ୍ପଷ୍ଟତା ଆସିବ ବୋଲି ଅବକାରୀ ମନ୍ତ୍ରୀ କହିଛନ୍ତି। ତେବେ କ'ଣ ଏହି ଟେଟ୍ରା ପ୍ୟାକ ? ବିଶେଷକରି ମୋଟା ପେପର, ଆଲୁମିନିୟମ ଫଏଲ, ପଲିଥିନ ଭଳି ତିନିଟି କାଟେଗୋରିରେ ଆସୁଛି ପ୍ୟାକ। ଏହାର ଫାଇଦା ହେଉଛି, ସହଜରେ ବ୍ରେକେଜ ହେବ ନାହିଁ। ଲୋକେ ରେଡି ଟୁ ଡ୍ରିଙ୍କ ସୁବିଧା ପାଇବେ, ଏଥିସହ ହାଲୁକା ବି ହେବ। ମହାରାଷ୍ଟ୍ର, କର୍ଣ୍ଣାଟକ ପରେ ଓଡ଼ିଶା ଏହି ପଦକ୍ଷେପ ନେବାକୁ ଯାଉଛି।

# ନୂଆଦିଲ୍ଲୀରେ 'ଜାତୀୟ ଚେତନା'ର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ ସମ୍ମାନ







ନୂଆଦିଲ୍ଲୀ/ଭୁବନେଶ୍ୱର,(ଜା.ପ୍ର): ମିଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ନୂଆଦିଲ୍ଲୀର ବିଏସ୍‌ଜେଡ୍ ରୋଡ୍‌ସ୍ଥିତ ପିରେଲାଲ-ଗାନ୍ଧୀ ମେମୋରିଆଲ ହଲ୍ (ଆଇଟିଓ) ଠାରେ ଆୟୋଜିତ ୨୦ତମ 'ମିଡିଆ ଏକ୍ସଲେନ୍ସି ଆୱାର୍ଡ' ସମାରୋହରେ ଓଡ଼ିଶାର ଅନ୍ୟତମ ଅଗ୍ରଗଣ୍ୟ ସମ୍ବାଦପତ୍ର 'ଜାତୀୟ ଚେତନା'ର ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କୁ "ବର୍ଷର ଶ୍ରେଷ୍ଠ ଓଡ଼ିଶା ସାମ୍ବାଦିକ" ସମ୍ମାନରେ ଭୂଷିତ କରାଯାଇଛି। ଫେଡେରେସନ୍‌ର ରାଷ୍ଟ୍ରୀୟ ସଭାପତି ଅରୁଣ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ଉତ୍ସବକୁ ଜାତୀୟ ବିଦ୍ୟୁତ୍ ଗଣମାଧ୍ୟମର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଶ୍ରୀବର୍ଦ୍ଧନ ତ୍ରିବେଦୀ, ସଞ୍ଜୟ ଦ୍ୱିବେଦୀ ଏବଂ ପ୍ରତୀକ ତ୍ରିବେଦୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ପ୍ରକୃତ ସୁରକ୍ଷା କବଚ ଭାବେ ବର୍ଣ୍ଣନା କରିବା ସହ ସାମ୍ବାଦିକମାନଙ୍କ ସ୍ୱାଧୀନତା କ୍ଷୁଣ୍ଣ ହେଲେ ଦେଶରେ ଅରାଜକତା ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ମତବ୍ୟକ୍ତ କରିଥିଲେ।

ଏହି ଗୌରବମୟ ଅବସରରେ ଶ୍ରୀ ଭଞ୍ଜଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନାର ପ୍ରତିଉତ୍ତରରେ ସେ କହିଥିଲେ ଯେ, ସାମ୍ପ୍ରତିକ ସମୟରେ ସାମ୍ବାଦିକମାନେ କୌଣସି ପରିସ୍ଥିତିରେ ସାଲିସ୍ ନ କରି ସତ୍ୟ ଓ ନୀତିର ପକ୍ଷରେ ଦୃଢ଼ତାର ସହିତ ଛିଡ଼ା ହେବା ଆବଶ୍ୟକ। ସତ୍ୟନିଷ୍ଠ ଓ ନିର୍ଭୀକ ସାମ୍ବାଦିକତା ହିଁ ସମାଜକୁ ସଠିକ ଦିଗ୍‌ଦର୍ଶନ ଦେଇପାରିବ। ବିଶେଷ କରି ମିଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆର ଓଡ଼ିଶା ଶାଖାର ସଭାପତି ଭାବେ ତାଙ୍କର ଦକ୍ଷ କାର୍ଯ୍ୟନିର୍ବାହ ପାଇଁ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ ୬୦୦ରୁ ଅଧିକ ବରିଷ୍ଠ ସାମ୍ବାଦିକ, ଶିକ୍ଷାବିତ୍ ଓ କର୍ପୋରେଟ୍ ହାଉସ୍‌ର ପ୍ରତିନିଧିମାନେ ଯୋଗ ଦେଇଥିଲେ। ମିଡିଆ ଫେଡେରେସନ୍ ଅଫ୍ ଓଡ଼ିଶା ତରଫରୁ ତପନ ବିହାରୀ ଭଞ୍ଜ ଓ ଗୌର ଚନ୍ଦ୍ର ମହାପାତ୍ର ଫେଡେରେସନ୍‌ର ସର୍ବ ଭାରତୀୟ ସଭାପତି ଅରୁଣ ଶର୍ମାଙ୍କୁ ଶ୍ରୀଜଗନ୍ନାଥ ଓ କୋଣାର୍କର ତୈଳଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ବିଭିନ୍ନ ରାଜ୍ୟର ଲୋକନୃତ୍ୟ ଓ ଆକର୍ଷଣୀୟ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଜାତୀୟ ଚେତନା
JATIYA CHETANA

# ମାତୃଭାଷା ଓ ସାମଗ୍ରିକ ପ୍ରଗତି

ଜଗତୀକରଣ, ପ୍ରଯୁକ୍ତି ବିପ୍ଳବ ଓ ଆର୍ଥିକ ପ୍ରତିସ୍ପର୍ଦ୍ଧାର ଏହି ଯୁଗରେ ଭାଷା ପ୍ରଶ୍ନ ପୁଣିଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି। ସରକାରଙ୍କ ଶିକ୍ଷାନୀତି, ଶିକ୍ଷିତ ଅଭିଭାବକଙ୍କ ଏଥିପ୍ରତି ଅନାଶକ୍ତି, ବିଶେଷଜ୍ଞଙ୍କ ଦମ୍ଭୋକ୍ତି ତଥା ଭୋଟ ରାଜନୀତିରେ ଭାଷା ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ବିଗତ କେତେ ଦଶନ୍ଧି ଧରି ଅନେକଙ୍କ ମନରେ ଏକ ଭ୍ରମ ଧାରଣା ଗଢ଼ିଉଠିଛି ଯେ ଉନ୍ନତି ପାଇଁ ମାତୃଭାଷାକୁ ପଛକୁ ରଖି ଅନ୍ତର୍ଜାତୀୟ ଭାଷାକୁ ଅଙ୍ଗୀକାର କରିବା ଦରକାର। ଅଭିଭାବକମାନେ ଶିଶୁମାନଙ୍କୁ ବିଦେଶୀ ଭାଷା ମାଧ୍ୟମରେ ପଢ଼ାଇବାକୁ ଭବିଷ୍ୟତ ସଫଳତାର ଏକମାତ୍ର ଉପାୟ ବୋଲି ଭାବୁଛନ୍ତି। କିନ୍ତୁ ଶିକ୍ଷା ମନୋବିଜ୍ଞାନ ଓ ବିଶ୍ୱ ଅନୁଭବ କହୁଛି, ଏହି ଧାରଣା ଏକ ଅର୍ଦ୍ଧସତ୍ୟ। ଉନ୍ନତିର ମୂଳ ଅନୁକରଣରେ ନୁହେଁ; ଏହା ଗଭୀର ବୁଝାମଣାରେ ନିହିତ ରହିଥାଏ। ଏବଂ ସେହି ବୁଝାମଣାର ଆରମ୍ଭ ହୁଏ ମାତୃଭାଷାରୁ।

ଶିଶୁ ଯେଉଁ ଭାଷାରେ ପ୍ରଥମେ ଜଗତକୁ ଚିହ୍ନି ଥାଏ, ମା'ର ସ୍ନେହକୁ ଅନୁଭବ କରିଥାଏ, ଗପ ଶୁଣେ ଓ ଚାରିପାଖର ଜୀବନକୁ ବୁଝେ; ସେହି ଭାଷା ତା'ର ଚିନ୍ତନର ଭିତ୍ତି। ଯଦି ପ୍ରାଥମିକ ଶିକ୍ଷା ଏହି ଭାଷାରେ ଦିଆଯାଏ, ତେବେ ଧାରଣାଗତ ସ୍ୱଚ୍ଛତା ବଢ଼େ, ସମାଲୋଚନାତ୍ମକ ଚିନ୍ତନ ଶକ୍ତି ବିକଶିତ ହୁଏ ଓ ଆତ୍ମବିଶ୍ୱାସ ଦୃଢ଼ ହୁଏ। ଯଦି ଶିଶୁମାନଙ୍କୁ ଅଜଣା ଭାଷାରେ ଗଣିତ କିମ୍ବା ବିଜ୍ଞାନ ପଢ଼ାଯାଏ, ସେମାନେ ପ୍ରଥମେ ଭାଷାକୁ ବୁଝିବାରେ ଶକ୍ତି ବ୍ୟୟ କରନ୍ତି, ପରେ ବିଷୟକୁ ବୁଝିବାରେ ସାମର୍ଥ୍ୟ ବିନିଯୋଗ କରିଥାନ୍ତି। ଏହାଦ୍ୱାରା ଶିକ୍ଷାର ଗଭୀରତା ବୃଦ୍ଧି ପାଏ ନାହିଁ, ବରଂ କେବଳ ପାଠ୍ୟାନୁସ୍ମୃତି ହୋଇରହିଯାଏ। କିନ୍ତୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରାଗଲେ ଶିଶୁ ସିଧାସଳଖ ବିଷୟକୁ ବୁଝେ; ପ୍ରଶ୍ନ କରିବାରେ ସଙ୍କୋଚ କରେନାହିଁ; ନିଜର ଚିନ୍ତାକୁ ପ୍ରକାଶ କରିବାରେ ଭୟଭୀତ ହୁଏନାହିଁ। ଏହା ତାଙ୍କର ବୁଦ୍ଧିମତ୍ତାର ଦୃଢ଼ ଆଧାର ସୃଷ୍ଟି କରେ।

ମାତୃଭାଷା କେବଳ ଶିକ୍ଷାର ମାଧ୍ୟମ ନୁହେଁ, ଏହା ଭାବନାର ଭିତ୍ତି। ଶିଶୁ ଯେଉଁ ଭାଷାରେ ଘରେ ଆଲୋଚନା କରେ, ଗୀତ ଶୁଣେ, ଲୋକକଥା ଶୁଣେ, ସେହି ଭାଷା ତାଙ୍କର ମନୋବଳକୁ ସୁଦୃଢ଼ କରେ। ଯଦି ବିଦ୍ୟାଳୟରେ ସେହି ଭାଷାକୁ ସ୍ଥାନ ମିଳେନାହିଁ, ଶିଶୁ ଘର ଓ ପାଠଶାଳା ମଧ୍ୟରେ ଏକ ଦୂରତ୍ୱ ଅନୁଭବ କରେ। ଏହି ଦୂରତ୍ୱ ଆତ୍ମବିଶ୍ୱାସକୁ କ୍ଷୀଣ କରେ। ତେଣୁ ମାତୃଭାଷା ଆଧାରିତ ଶିକ୍ଷା ଭାବନାତ୍ମକ ସ୍ଥିରତା ଓ ସାମାଜିକ ସମାନତାକୁ ମଜଭୁତ କରେ। ଏହା ଶିଶୁଙ୍କୁ ନେତୃତ୍ୱ ଓ ସାମାଜିକ ଦାୟିତ୍ୱର ପଥରେ ଆଗକୁ ବଢ଼ାଏ।

ବିଶ୍ୱର ଉନ୍ନତ ଦେଶଗୁଡ଼ିକ ଅନୁଭବ ଏହାକୁ ସ୍ପଷ୍ଟ କରେ। ଫିନ୍‌ଲାଣ୍ଡ ତାହାର ମାତୃଭାଷାକୁ ଆଧାର କରି ଶିକ୍ଷା ପ୍ରଣାଳୀକୁ ଶକ୍ତିଶାଳୀ କରିଛି ଏବଂ ଶିକ୍ଷାରେ ବିଶ୍ୱରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଜାପାନ ଜାପାନୀ ଭାଷାରେ ବିଜ୍ଞାନ ଓ ପ୍ରଯୁକ୍ତିକୁ ଉନ୍ନତ କରି ଶିଳ୍ପୀକରଣରେ ଅଗ୍ରଗାମୀ ହୋଇଛି। ଚାଇନା ମାନ୍ଦାରିନ ଭାଷାକୁ ଆଧାର କରି ଅର୍ଥନୈତିକ ଶକ୍ତିରେ ପରିଣତ ହୋଇଛି। ଦକ୍ଷିଣ କୋରିଆ ଓ ଇସ୍ରାଏଲ ମଧ୍ୟ ନିଜ ଭାଷାରେ ଶିକ୍ଷା ଓ ଗବେଷଣାକୁ ଅଗ୍ରସର କରି ବିଶ୍ୱସ୍ତରରେ ପ୍ରଗତି କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛନ୍ତି। ରୁଷିଆ ନିଜ ମାତୃଭାଷାକୁ ସମସ୍ତ ଶିକ୍ଷାର ମାଧ୍ୟମ କରି ବିଶ୍ୱରେ ଉନ୍ନତିର ଶିଖରରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ଇଂଲଣ୍ଡ ନିଜ ମାତୃଭାଷା ଇଂଲିଶକୁ ଆଧାର କରି ସମସ୍ତ କାର୍ଯ୍ୟ ପରିଚାଳନା କରି ବିଶ୍ୱର ଉନ୍ନତ ରାଷ୍ଟ୍ର ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ସେମାନେ ଉନ୍ନତି ପାଇଁ ନିଜ ଭାଷାକୁ ଛାଡ଼ିନାହାନ୍ତି; ବରଂ ନିଜ ଭାଷାରେ ଆତ୍ମବିଶ୍ୱାସ ବୃଦ୍ଧି କରିଛନ୍ତି।

ମାତୃଭାଷାର ବ୍ୟବହାର ଓ ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଭାରତର ଅଭିଜ୍ଞତା ମଧ୍ୟ ଏହି ତଥ୍ୟକୁ ସମର୍ଥନ କରେ। କେରଳ ମାଲୟାଲମ ଭାଷାକୁ ଶିକ୍ଷାର ଆଧାର କରି ଉଚ୍ଚ ସାକ୍ଷରତା ଓ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ପ୍ରଭୂତ ଉନ୍ନତି ହାସଲ କରିଛି। କର୍ନାଟକ କନ୍ନଡ ଭାଷାକୁ ପ୍ରାଧାନ୍ୟ ଦେଇ ବିଶ୍ୱ ଆଇଟି ମାନଚିତ୍ରରେ ଶକ୍ତିଶାଳୀ ସ୍ଥାନ ନେଇଛି। ପଶ୍ଚିମବଙ୍ଗ ବଙ୍ଗଳା ଭାଷାକୁ ଆଧାର କରି ସାହିତ୍ୟ ଓ ବୁଦ୍ଧିଜୀବୀ ପରମ୍ପରାକୁ ଜୀବନ୍ତ ରଖିଛି। ଏହି ଉଦାହରଣଗୁଡ଼ିକ ପ୍ରମାଣ କରେ ଯେ ଆଞ୍ଚଳିକ ଭାଷା ଓ ଆର୍ଥିକ ଅଗ୍ରଗତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।

ଆର୍ଥିକ ଉନ୍ନତିର ଏକମାତ୍ର ମାଧ୍ୟମ ଭାବେ ଇଂଲିଶକୁ ଦେଖିବା ଏକ ମାନସିକ ଭ୍ରାନ୍ତି। ଆର୍ଥିକ ସଫଳତାର ମୂଳ ହେଉଛି ସୃଜନଶୀଳତା, ନୂତନ ଚିନ୍ତନ ଓ ଗଭୀର ବୁଝାମଣା। ଏହି ଗୁଣଗୁଡ଼ିକ ମାତୃଭାଷାର ବ୍ୟବହାର ଦ୍ୱାରା ଦୃଢ଼ ଭାବରେ ଉନ୍ନତି କରେ। ମାତୃଭାଷା ଆଧାରିତ ଶିକ୍ଷା ଛାତ୍ରୀଛାତ୍ରଙ୍କ ଅନୁପସ୍ଥିତି ହାର କମାଏ, ସମାବେଶୀ ଶିକ୍ଷାକୁ ପ୍ରୋତ୍ସାହନ ଦିଏ ଓ ଦକ୍ଷ ମାନବ ସମ୍ବଳ ବିକାଶରେ ସହାୟକ ହୁଏ। ଏହା ଦେଶର ଆର୍ଥିକ ଭିତ୍ତିକୁ ମଜଭୁତ କରେ। ଏଥିସହିତ ଭାଷା ସାଂସ୍କୃତିକ ଓ ନୈତିକ ମୂଲ୍ୟର ଭଣ୍ଡାର। ଲୋକକଥା, ପ୍ରବଚନ, ଐତିହ୍ୟ, ଧାର୍ମିକ ଓ ସାମାଜିକ ଆଦର୍ଶ, ସବୁ ମାତୃଭାଷାରେ ସଞ୍ଚରିତ ହୋଇଥାଏ। ଯଦି ଏହି ମାତୃଭାଷାକୁ ଶିକ୍ଷାରୁ ବାଦ ଦିଆଯାଏ, ସମାଜର ସାଂସ୍କୃତିକ ସତ୍ତା ଦୁର୍ବଳ ହୋଇଯାଏ। ତେଣୁ ମାତୃଭାଷା ରକ୍ଷା କରିବା ଅର୍ଥ ସଂସ୍କୃତି ଓ ନୈତିକ ଭିତ୍ତିକୁ ରକ୍ଷା କରିବା ବୁଝାଯାଏ। ଏହା ମନେ ରଖିବା ଆବଶ୍ୟକ ଯେ ମାତୃଭାଷାକୁ ସୁଦୃଢ଼ କରିବାର ଅର୍ଥ ଅନ୍ତର୍ଜାତୀୟ ଭାଷାକୁ ବାଦ ଦେବା ନୁହେଁ। ପ୍ରଥମେ ମାତୃଭାଷାରେ ଦୃଢ଼ ଭିତ୍ତିଭୂମି ଗଢ଼ି, ପରେ ଅନ୍ୟ ଭାଷାକୁ ଶିଖିବା ହେଉଛି ଠିକ ପଥ। ଏହା ଶିଶୁଙ୍କୁ ଦୁଇଟି ଲାଭ ଦିଏ; ନିଜର ମୌଳିକ ବିଶ୍ୱାସ ସହିତ ନିବିଡ଼ତା ଓ ବିଶ୍ୱ ସହିତ ଉତ୍ତମ ସଂଯୋଗ। ବିଶ୍ୱ ଓ ଭାରତୀୟ ଅନୁଭବର ତୁଳନାତ୍ମକ ବିଶ୍ଳେଷଣରୁ ଏହା ସ୍ପଷ୍ଟ ଯେ; ମାତୃଭାଷା ହେଉଛି ସମଗ୍ର ଉନ୍ନତିର ମୂଳ ଆଧାର। ମାତୃଭାଷା ବ୍ୟକ୍ତିର ବୁଦ୍ଧିମତ୍ତାକୁ ସ୍ୱାଧୀନ ଓ ସୃଜନଶୀଳ କରେ; ଏହା ଚିନ୍ତନ ଶକ୍ତିରେ ଆତ୍ମନିର୍ଭରତା ପ୍ରଦାନ କରେ । ଏହା ଭାବନାତ୍ମକ ସହନଶୀଳତା ବଢ଼ାଇ ସମାଜରେ ଏକତା ଓ ସାମ୍ବିଧାନିକ ସମ୍ମାନବୋଧକୁ ସୁଦୃଢ଼ କରେ। ମାତୃଭାଷା ସାଂସ୍କୃତିକ ଅଖଣ୍ଡତାକୁ ସୁଦଢ଼ କରି ମୂଳ ସହିତ ସଂଯୋଗକୁ ଜୀବନ୍ତ ରଖେ ଏବଂ ନୈତିକ ପରିପକ୍ୱତାକୁ ପୋଷଣ ପ୍ରଦାନ କରେ।

# ଗୋଲଗୋଟିଆସର କୁକୁର

ସରଜୁବାଳା ଗଜେନ୍ଦ୍ର

ଉଚ୍ଚତର ବୈଜ୍ଞାନିକ ଗବେଷଣା ପାଇଁ କେବଳ ଶିଖର ସମ୍ମିଳନୀ ଯଥେଷ୍ଟ ନୁହେଁ; ବରଂ ଏଥିପାଇଁ ଏକ ସୁଦୃଢ଼ ପରିବେଶ ବା 'ଇକୋ-ସିଷ୍ଟମ'ର ଆବଶ୍ୟକତା ରହିଛି। ଆମ ଦେଶରେ ଲୁକ୍କାୟିତ ହୋଇ ରହିଥିବା ବୈଜ୍ଞାନିକ ପ୍ରତିଭାଗୁଡ଼ିକର ବିକାଶ ପାଇଁ ସରକାରୀ ସହାୟତା, ଆର୍ଥିକ ନିବେଶ ଓ ପ୍ରୋତ୍ସାହନ ଏକାନ୍ତ ଅପରିହାର୍ଯ୍ୟ। ଯଦି ଭାରତୀୟ ମସ୍ତିଷ୍କ ଆମେରିକାର ସିଲିକନ ଭ୍ୟାଲିରେ ବିପ୍ଳବ ଆଣିପାରୁଛି, ତେବେ ସେହି ସମାନ ସଫଳତା ସ୍ୱଦେଶ ମାଟିରେ କାହିଁକି ସମ୍ଭବ ହେବନାହିଁ?

ଦିଲ୍ଲୀରେ ଆୟୋଜିତ ଭବ୍ୟ 'ଏ.ଆଇ. ଇମ୍ପ୍ୟାକ୍ଟ ସମ୍ମିଟ' ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ସମ୍ପର୍କିତ ଶିଖର ସମ୍ମିଳନୀ ସମାପ୍ତ ହୋଇଛି। ଯାହା ଅନୁଶୋଚନାର ବିଷୟ ହୋଇଥାଏ, ତାହା ହେଲା ଅନେକ ଉତ୍ତମ କାରଣ ଥିବା ସତ୍ତ୍ୱେ ଗୋଟିଏ ନିତାନ୍ତ ଲଜ୍ଜାଜନକ ଅଧ୍ୟାୟ ପାଇଁ ଏହା ସ୍ମରଣରେ ରହିବ। କୋଡ଼ିଏଟି ରାଷ୍ଟ୍ରର ଶାସନ ମୁଖ୍ୟ ଓ ୫୦୦ରୁ ଅଧିକ ସୁପ୍ରସିଦ୍ଧ ଏ.ଆଇ. ବିଶେଷଜ୍ଞଙ୍କ ଉପସ୍ଥିତି, ଷ୍ଟଲଗୁଡ଼ିକରେ ଏ.ଆଇ.ର ଅଦ୍ଭୁତ ପ୍ରୟୋଗର ପ୍ରଦର୍ଶନ ଏବଂ କୁତୂହଳୀ ଜନସାଧାରଣଙ୍କ ବିପୁଳ ଆଗ୍ରହକୁ ପଛରେ ପକାଇ ଏହି ସମ୍ମିଳନୀ ଆଲୋଚିତ ହେଉଛି ଏକ ଅକ୍ଷମଣୀୟ ଓ ରସଭଙ୍ଗକାରୀ ଘଟଣାକୁ ନେଇ, ଯାହା ହେଲା ଚୀନା ନିର୍ମିତ ଏକ 'ରୋବଟିକ ଡଗ'(ଯନ୍ତ୍ର କୁକୁର) ଏବଂ ଦକ୍ଷିଣ କୋରିଆ ଦ୍ୱାରା ବିକଶିତ 'ସକ୍କର ଡ୍ରୋନ' ବା 'ଫେଣ୍ଟୁ ଡ୍ରୋନ'କୁ ପ୍ରଦର୍ଶନ କରି ସେଗୁଡ଼ିକ ନିଜ ଉତ୍କର୍ଷ କେନ୍ଦ୍ରରେ ନିର୍ମିତ ବୋଲି ଗୋଲଗୋଟିଆସ ବିଶ୍ୱବିଦ୍ୟାଳୟ(ଘରୋଇ) ଦ୍ୱାରା କରାଯାଇଥିବା ଦାବି। କହିବା ବାହୁଲ୍ୟ, ଖୁବ୍ ଶୀଘ୍ର ଏଭଳି ପ୍ରବଞ୍ଚନାର ପର୍ଦ୍ଦାଫାଶ ଘଟି ସାମାଜିକ ଗଣମାଧ୍ୟମରେ ନିନ୍ଦାର ବନ୍ୟା ସୃଷ୍ଟି ହେବା ସହିତ ସମଗ୍ର ଦେଶକୁ ଅପମାନ ଜର୍ଜର କରି ପକାଇଛି। ଗୋଲଗୋଟିଆସ ୟୁନିଭର୍ସିଟିର ଧୃଷ୍ଟତାକୁ ଘେନି ବର୍ତ୍ତମାନ ସମସ୍ତେ ସମାଲୋଚନା ମୁଖର। ତେବେ, ଏଭଳି ସ୍ଥଳେ ବିବେଚନାପୂର୍ଣ୍ଣ କାର୍ଯ୍ୟଟି ହେବ, ସମାଲୋଚନା କରିବାର ପ୍ରବଣତାକୁ ଅତିକ୍ରମ କରି ଏହି ଘଟଣାରୁ ଲବ୍ଧ ଶିକ୍ଷା ଉପରେ ମହତ୍ତ୍ୱ ପ୍ରଦାନ କରିବା।

ଗୋଲଗୋଟିଆସର ଏଭଳି ଦାବି ପରେ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସେହି ଯନ୍ତ୍ର ଶ୍ୱାନର ଫଟୋକୁ ଆପଣା 'ଏକ୍‌ସ' ବାର୍ତ୍ତାରେ ଯୋଡ଼ି ତାହାକୁ ଏ.ଆଇ. କ୍ଷେତ୍ରରେ ଏକ ସ୍ୱଦେଶୀ ଉପଲବ୍ ?ଧି ରୂପେ ଦର୍ଶାଇଥିଲେ। ଅବଶ୍ୟ, ବିବାଦର ସୂତ୍ରପାତ ହେବା ପରେ ତୁରନ୍ତ ତାହାକୁ ଡିଲିଟ କରି ଦିଆଯାଇଥିଲା, କିନ୍ତୁ ତହିଁରୁ ପ୍ରଥମ ଶିକ୍ଷାଟି ମିଳିଛି ଯେ ସାମାଜିକ ଗଣମାଧ୍ୟମରେ ହେଉ ଅଥବା ଅନ୍ୟ କୌଣସି ମଞ୍ଚରେ ହେଉ; ମନ୍ତ୍ରିସ୍ତରୀୟ କୌଣସି ସନ୍ଦେଶର ସମ୍ପ୍ରସାରଣ ପୂର୍ବରୁ ଦାୟିତ୍ୱପୂର୍ଣ୍ଣ ଓ ପୁଙ୍ଖାନୁପୁଙ୍ଖ ପୃଷ୍ଠଭୂମି ତନଖି ଏକାନ୍ତ ଜରୁରି। ଦ୍ୱିତୀୟ ଶିକ୍ଷାଟି ହେଲା, ଏଭଳି ଏକ ବିଶ୍ୱସ୍ତରୀୟ ମେଳାରେ ସ୍ଥାନ ପାଉଥିବା ପ୍ରଦର୍ଶନ ଯୋଗ୍ୟ ବସ୍ତୁ ସମ୍ବନ୍ଧୀୟ ବିବରଣୀ ଓ ଉତ୍କର୍ଷ ଇତ୍ୟାଦି ତାଲିକାଭୁକ୍ତ ବିଶେଷଜ୍ଞମାନଙ୍କ ଦ୍ୱାରା କଠୋର ଯାଞ୍ଚ ପ୍ରକ୍ରିୟା ଦେଇ ଯିବା ଅପରିହାର୍ଯ୍ୟ; ଯହିଁରେ ବିଚ୍ୟୁତି ଘଟିଥିବା କାରଣରୁ ଚୀନା ଓ ଦକ୍ଷିଣ କୋରିଆ ଦ୍ୱାରା ନିର୍ମିତ ଉପରୋକ୍ତ ବସ୍ତୁ ଦ୍ୱୟ ଏହି ଏ.ଆଇ. ମେଳାରେ ସ୍ଥାନ ପାଇ ତୁଚ୍ଛା ବିଭ୍ରାନ୍ତି ସୃଷ୍ଟି କଲେ। ଉଲ୍ଲେଖଯୋଗ୍ୟ ଯେ ଇ-କମର୍ସ ମଞ୍ଚଗୁଡ଼ିକରେ ବିକ୍ରୟ ସକାଶେ ଉପଲବ୍ଧ ଏବଂ ସାଧାରଣ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଜରେ ଚିହ୍ନଟ ହୋଇ ପାରିଥିବା ଏହି ଚିଜ ଦୁଇଟି କଦାଚିତ୍ ବିଶେଷଜ୍ଞମାନଙ୍କ ଦୃଷ୍ଟିକୁ ଏଡ଼ାଇ ଯାଇ ପାରି ନଥାଆନ୍ତା! ଏ ସଂକ୍ରାନ୍ତରେ ମୂଳ ପ୍ରଶ୍ନଟି ଉଠିଥାଆନ୍ତା ଯେ ଭାରତର ଏକ ବିଶ୍ୱବିଦ୍ୟାଳୟ ଦ୍ୱାରା ତା' ନିଜ ଷ୍ଟଲରେ ଚୀନ ବା ଦକ୍ଷିଣ କୋରିଆ ଦ୍ୱାରା ବିକଶିତ ପ୍ରଯୁକ୍ତିର ପ୍ରଦର୍ଶନ କରାଯିବ କାହିଁକି? ଅବଶ୍ୟ, ସତ୍ୟ ପ୍ରଘଟ ହେବା ମାତ୍ରକେ ସରକାରଙ୍କ ଆଦେଶରେ ଗୋଲଗୋଟିଆସ ୟୁନିଭର୍ସିଟିକୁ ଯଦିଓ ପ୍ରଦର୍ଶନୀ ସ୍ଥାନରୁ ବହିଷ୍କାର କରି ଦିଆଯାଇଥିଲା, ବିଭିନ୍ନ ଦ୍ୱାହି ଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିରର୍ଥକ ସଫେଇର ଯେଉଁ ସୁଅ ଛୁଟିଥିଲା, ତହିଁରେ ବିଚ୍ୟୁତିଟି କେବଳ ବିସ୍ତାରିତ ହୋଇ ଚାଲିଥିଲା। ଏହି ସଫେଇର କ୍ରମରେ ସର୍ବଶେଷଟିର ମର୍ମାର୍ଥ ହେଉଛି ଏହା ଯେ 'ଦୂରଦର୍ଶନ'ର କ୍ୟାମେରାକୁ ଆଗରେ ପାଇ ଅତ୍ୟୁତ୍ସାହୀ ପ୍ରଗଳ୍‌ଭତା ପ୍ରଦର୍ଶନ କରିଥିବା ମହିଳା ପ୍ରଫେସର ଜଣକ ପ୍ରକୃତରେ ବିଶ୍ୱବିଦ୍ୟାଳୟର ଆଧିକାରିକ ପ୍ରବକ୍ତା ବା ମୁଖପାତ୍ର ନ ଥିଲେ। ଏହା ମଧ୍ୟ ଜଣାପଡ଼ିଛି ଯେ ତଥାକଥିତ ଆତ୍ମନିଯୁକ୍ତ ପ୍ରବକ୍ତା ଜଣକ ଏ.ଆଇ. ବିଭାଗର ଶିକ୍ଷକ ନୁହନ୍ତି; ତାଙ୍କ ବିଭାଗ ହେଉଛି ଏମ.ବି.ଏ. ଏବଂ ଶିକ୍ଷାଦାନର ବିଷୟ ହେଉଛି 'କମ୍ୟୁନିକେସନ ସ୍କିଲ' ବା 'ବାର୍ତ୍ତା ବିନିମୟର ଦକ୍ଷତା'। ସୁତରାଂ, ଯାହା ଚିନ୍ତାଜନକ, ତାହା ହେଲା ଦେଶର ସର୍ବଶ୍ରେଷ୍ଠ ଘରୋଇ ବିଶ୍ୱବିଦ୍ୟାଳୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତରୁ ପୁରସ୍କାରପ୍ରାପ୍ତ ଏକ ଅପୂର୍ବ ଚାକଚକ୍ୟଭରା ଉଚ୍ଚ ଶିକ୍ଷାନୁଷ୍ଠାନର ପରିଚାଳନା କିଭଳି ତାଳ ଓ ଲୟ ଶୂନ୍ୟ! ଏହା ଏକ ସାଧାରଣ ଜ୍ଞାନର କଥା ଯେ କ୍ଷତିର ଆଂଶିକ ଭରଣା କରିବାରେ ହୁଏତ ବିଶ୍ୱବିଦ୍ୟାଳୟଟି ସଫଳ ହୋଇଥାଆନ୍ତା, ଯଦି ଏକ ଭାବପୂର୍ଣ୍ଣ କ୍ଷମା ପ୍ରାର୍ଥନା ସହିତ ଭାବଗମ୍ଭୀର ନିରବତା ଅବଲମ୍ବନ କରାଯାଇଥାଆନ୍ତା। କିନ୍ତୁ ନିଜକୁ ନିର୍ଭୁଲ୍ ସାବ୍ୟସ୍ତ କରିବା ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏବଂ ବ୍ୟକ୍ତିଗତ ଭାବେ ସେହି ମହିଳା ପ୍ରଫେସରଙ୍କ ଦ୍ୱାରା ବିତଣ୍ଡା ତର୍କ, ମିଥ୍ୟା ବଚନ ଏବଂ ଶବ୍ଦର କୁହେଳିକା ସୃଷ୍ଟିର ଉଦ୍ୟମ ଇତ୍ୟାଦି ଏକ ଅତ୍ୟନ୍ତ ବିରକ୍ତିକର ପରିବେଶ ସୃଷ୍ଟି କରିଛି, ଯଦ୍ଦ୍ୱାରା ଗୋଲଗୋଟିଆସ ବିଶ୍ୱବିଦ୍ୟାଳୟ ଅଧିକ କଟୁ ସମାଲୋଚନାର ଶରବ୍ୟ ହେବାରେ ଲାଗିଛି। ଏଥିରେ ବିଡ଼ମ୍ବନାଟି ହେଲା, 'ବାର୍ତ୍ତା ବିନିମୟର ଦକ୍ଷତା' ବିଷୟ ପଢ଼ାଉଥିବା ପ୍ରଫେସର ଜଣକ ସମ୍ଭବତଃ ପାସୋରି ଯାଇଥିଲେ ଯେ ଅନେକ ସମୟରେ 'ଅର୍ଥପୂର୍ଣ୍ଣ ନିରବତା' ମଧ୍ୟ 'ବାର୍ତ୍ତା ବିନିମୟ ଦକ୍ଷତା'ର ଗୂଢ଼ ଅଂଶ ହୋଇଥାଏ।

ଏହି ସମ୍ମିଳନୀର ଏକ ଦୁର୍ଭାଗ୍ୟ ହେଲା ଏହା ଯେ ଗୋଲଗୋଟିଆସ ବିବାଦର ଛାୟାରେ ଅନେକ ଚମତ୍କାର ନିରୁତା ସ୍ୱଦେଶୀ ଉଦ୍ୟମମାନ ବିଶେଷ ଆଲୋକିତ ହୋଇପାରିଲେ ନାହିଁ; ଯେମିତି 'ଏକ୍‌ସ ଟେରା ରୋବୋଟିକ୍‌ସ' ଦ୍ୱାରା ବିକଶିତ 'ଶ୍ୱାନ ଏମ ୨' ଯାହା ମଧ୍ୟ ଏକ ଦକ୍ଷ ଯନ୍ତ୍ର କୁକୁର; ଭାରତରେ ନିର୍ମିତ ପ୍ରଥମ ଚତୁଷ୍ପଦ ରୋବଟ। ସୁତରାଂ, ଏହି ପ୍ରେକ୍ଷାପଟରେ ଯାହା ଅଧିକ ଚର୍ଚ୍ଚିତ ହେଉଛି, ତାହା ହେଲା ସାମର୍ଥ୍ୟ ପ୍ରତିପାଦନ କରିବା ସକାଶେ ସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ସଶକ୍ତ କରିବା ଦିଗରେ ପ୍ରାଥମିକତା ପ୍ରଦାନ। ଜଣାପଡ଼ିଛି ଯେ ଚାରିଟି ପ୍ରମୁଖ ଆଇ.ଆଇ.ଟି.କୁ ମିଳିଥିବା ଷ୍ଟଲ୍‌ଗୁଡ଼ିକର ଆୟତନର ସମଷ୍ଟିଠାରୁ ଏକା ଗୋଲଗୋଟିଆସ ଷ୍ଟଲ୍‌ର ଆକାର ଥିଲା ଅଧିକ, ଅଥଚ ଆଇ.ଆଇ.ଟି.ଗୁଡ଼ିକ ଦ୍ୱାରା ହିଁ ସର୍ବୋତ୍କୃଷ୍ଟ ପ୍ରଯୁକ୍ତିର ଉଦ୍ଭାବନ ହୋଇଥାଏ। ତେଣୁ ଏହି ଶିଖର ସମ୍ମିଳନୀ ଅବସରରେ ହେଉଥିବା ଚର୍ଚ୍ଚାମାନଙ୍କରେ ଶୁଣିବାକୁ ମିଳୁଛି ଯେ ଉଚ୍ଚାଙ୍ଗ ଗବେଷଣା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅଧିକ ପୁଞ୍ଜି ନିବେଶ ଅନିବାର୍ଯ୍ୟ। ପ୍ରକାଶ ଥାଉ କି ଆମେରିକା ଓ ଚୀନ ସେମାନଙ୍କ ଜି.ଡି.ପି. (ଯଥାକ୍ରମେ ୩୦ ଓ ୧୯ ଟ୍ରିଲିଅନ ଡଲାର)ର ପ୍ରାୟ ୪% ବିଜ୍ଞାନ ଓ ପ୍ରଯୁକ୍ତିଗତ ଗବେଷଣାରେ ବିନିଯୁକ୍ତ କରୁଥିବା ବେଳେ ଭାରତରେ ତାହା ହେଉଛି ତା'ର ଜି.ଡି.ପି.(ପ୍ରାୟ ୪ ଟ୍ରିଲିଅନ ଡଲାର)ର ମାତ୍ର ୦.୬୫ ପ୍ରତିଶତ। ଏଭଳି ସ୍ଥଳେ 'ଚାଟ୍ ଜିପିଟି'(ଆମେରିକା) ବା 'ଡିପ ସିକ୍'(ଚୀନ) ଭଳି ଚମତ୍କାରୀ ପ୍ରଯୁକ୍ତିଗତ ସର୍ଜନା ବା ବିକାଶ ଭାରତ ପକ୍ଷରେ ସମ୍ଭବ କି? କହିବାର ତାତ୍ପର୍ଯ୍ୟ ହେଲା, ଉଚ୍ଚତର ବୈଜ୍ଞାନିକ ଗବେଷଣା ସକାଶେ ଏକ ବାତାବରଣ ବା 'ଇକୋ ସିଷ୍ଟମ' ସୃଷ୍ଟି କରିବା ଲାଗି ଯଦିଓ ଏଭଳି ଶିଖର ସମ୍ମିଳନୀର ଆବଶ୍ୟକତା ରହିଛି, ତା' ଠାରୁ ଅଧିକ ଆବଶ୍ୟକ ଏଠାରେ ଉପଲବ୍ଧ ଅଥଚ ଅନାବିଷ୍କୃତ ବୈଜ୍ଞାନିକ ପ୍ରତିଭାର ସ୍ଫୁରଣ ସକାଶେ ଅଧିକ ସରକାରୀ ବ୍ୟୟ, ପ୍ରୋତ୍ସାହନ ଓ ପ୍ରୟାସ। ଆମେରିକାର ସିଲିକନ ଭେଲିରେ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରିଥିବା ଭାରତୀୟ ମସ୍ତିଷ୍କ ସ୍ୱଦେଶରେ ଚମକ ଦେଖାଇ ପାରିବ ନାହିଁ କାହିଁକି?

ପରିଶେଷରେ ଭାରତୀୟ ଉତ୍କର୍ଷ ଓ ସହଜିଆ ମାର୍ଗ ଅନୁସରଣର ବାଧ୍ୟବାଧକତା ନେଇ ଏକ ଚଟୁଳ କାହାଣୀ କୁହାଯାଉ। ସପ୍ତମ ଦଶକରେ ଦିଲ୍ଲୀ ବୁଲିବାକୁ ଆସିଥିବା ଜଣେ ଜାପାନୀ ପର୍ଯ୍ୟଟକ ନକଲି ଦ୍ରବ୍ୟର ବଜାରରେ ଏକ ସିକୋ ଘଡ଼ି ଦେଖି ଚମକି ଉଠନ୍ତି, କାରଣ ଅସଲିଠାରୁ ତାକୁ ଅଲଗା ବାରି ପାରିବାର ଜୁ ନ ଥାଏ। ସେହି ଘଡ଼ି ଉପରେ 'ମେଡ ଇନ୍ ଜାପାନ' ଲେଖା ଥିବା ଦେଖି ମଉଜରେ ଜାପାନୀ ଜଣକ କହନ୍ତି: ନକଲ କରିବାର ନିଶାରେ 'ମେଡ ଇନ୍ ଜାପାନ' ବୋଲି ଲେଖି ଦେଇଛ ଦେଖୁଛି। 'ମେଡ୍ ଇନ୍ ଇଣ୍ଡିଆ' ବୋଲି ଲେଖିଥାଆନ୍ତ ଭଲା? ଏହା ଶୁଣି ଦୋକାନୀ ଜଣକ ଏକ ଯବକାଚ ଦେଇ ଦେଖାଇ ଦିଅନ୍ତି କିଭଳି ସେହି ଘଡ଼ିରେ ଆଖିକୁ ଦିଶୁ ନ ଥିବା ଭଳି ସୂକ୍ଷ୍ମ ଅକ୍ଷରରେ ଲେଖାଯାଇଛି 'ମେଡ ଇନ ଝୁମରିତଲେୟାଁ'। ଗପଟି ଏଇଠି ସରିଛି ସତ, କିନ୍ତୁ ତାହା ଆଗକୁ ଗଡ଼ିବା ଉଚିତ! ଏଥିରେ ହତଭମ୍ବ ଜାପାନୀ ଜଣକ କହନ୍ତି ଏଭଳି ପ୍ରତିଭା ଥାଉଁଥାଉଁ ତୁମେ ନକଲି ଦ୍ରବ୍ୟ ତିଆରି କରୁଛ? ସପ୍ତମ ଦଶକର ଅଣବିକଶିତ ଭାରତରେ ଉତ୍ତର ମିଳେ: ପ୍ରତିଭା ଥିଲେ କ'ଣ ହେବ, ସୁଯୋଗ କାହିଁ? ଏକବିଂଶ ଶତାବ୍ଦୀର ପ୍ରଥମ ଚଉଠ ପରେ ପୃଥିବୀର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଥିବା ଭାରତର କୌଣସି ସରକାରୀ ମହାବିଦ୍ୟାଳୟରେ ଜଣେ ତରୁଣ ଉଦ୍ଭାବକ ଅନ୍ତତଃ ଏଭଳି ନ ପଚାରୁ।

ଜାତୀୟ ଚେତନା
JATIYA CHETANA



### ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର

# ଦେଶର ସର୍ବଶ୍ରେଷ୍ଠ ପାଞ୍ଚ ରାଜ୍ୟରେ ସ୍ଥାନୀତ ହେବ ଓଡ଼ିଶା

ଭୁବନେଶ୍ୱର,(ଜା.ପ୍ର): ବହୁମୁଖୀ ଦାରିଦ୍ର୍ୟ ହାର ୫ ପ୍ରତିଶତକୁ ଆଣିବା ପାଇଁ ଆମେ ଯୋଜନା ପ୍ରସ୍ତୁତ କରିଛୁ। ମୋଟାମୋଟି ଭାବେ ଏକ ସମୃଦ୍ଧ, ସଶକ୍ତ ଓ ସମାବେଶୀ ଓଡ଼ିଶା ଗଠନର ଅଭିବ୍ୟକ୍ତି ପ୍ରକାଶ ପାଇଛି। ସମୃଦ୍ଧ ଓଡ଼ିଶାର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ରାଜ୍ୟକୁ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ସ୍ଥାନ ଦେବା। ଏହା କେବଳ ଏକ ପରିକଳ୍ପନା ନୁହେଁ, ଏହା କରଣୀୟ ଏବଂ ଆମେ କରିବୁ ମଧ୍ୟ। ହଁ, ଆମେ କରିପାରିବୁ ଓ କାରଣ, ଆମ ପାଇଁ ଓଡ଼ିଶାର ଜନସାଧାରଣ ହେଉଛନ୍ତି 'ସର୍ବୋପରି'। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବରେ ଏହି ଉତ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟପାଳ ଆସନ୍ତା ବର୍ଷରେ ରାଜ୍ୟ ସରକାରଙ୍କ କ'ଣ ଆଭିମୁଖ୍ୟ ହେବ, ଶାସନ-ପ୍ରଶାସନରେ ସରକାର କେଉଁ ପ୍ରକାର ସଂସ୍କାର ଆଣିବାକୁ ଯାଉଛନ୍ତି, ବିଗତ ଦିନରେ ସରକାରଙ୍କ ସଫଳତା କ'ଣ, ସେ ସବୁ ବିଷୟରେ ଆଲୋକପାତ କରିଥାନ୍ତି। ତେଣୁ ପରମ୍ପରା ଅନୁସାରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହୋଇଥାଏ ଯେଉଁ ମଞ୍ଚକୁ ଉପଯୋଗ କରି ଉଭୟ ବିରୋଧୀ ଓ ଶାସକ ଦଳ ନିଜ ନିଜ ପକ୍ଷ ବିଧାନସଭାରେ ରଖିଥାନ୍ତି, ଏବଂ ବିଧାନସଭା ମାଧ୍ୟମରେ ରାଜ୍ୟବାସୀଙ୍କୁ ଜଣାଇଥାନ୍ତି। ଏହି ଆଲୋଚନାରେ ବିରୋଧୀ ଦଳ ଅନେକ ଗଠନମୂଳକ ମତାମତ ରାଜ୍ୟବାସୀଙ୍କ କଲ୍ୟାଣପାଇଁ ଦେଇ ଥାଆନ୍ତି, ଯାହାକୁ ସରକାର ଗୁରୁତ୍ୱର ସହିତ ବିଚାର କରି ନିଜ କାର୍ଯ୍ୟକ୍ରମରେ ଯୋଡ଼ି ଥାଆନ୍ତି। କିନ୍ତୁ, ଦୁଃଖର ବିଷୟ ବିରୋଧୀ ଦଳର ସଦସ୍ୟମାନେ ଆଲୋଚନାରେ ବିଶେଷ ଯୋଗଦାନ ନ ରଖି, ପାଟିତୁଣ୍ଡ, ହୋ ହାଲ୍ଲା କରି ଗୃହକୁ ବାରମ୍ବାର ଅଚଳ କରିଥିଲେ। ଗଣତାନ୍ତ୍ରିକ ପରମ୍ପରାରେ ବିରୋଧୀ ଦଳର ପ୍ରଶ୍ନ ପଚାରିବାର ଅଧିକାର ଅଛି। କିନ୍ତୁ, ଗତ ଦୁଇ ଦିନର



କାର୍ଯ୍ୟକଳାପକୁ ଦେଖିଲେ ମନେ ହୁଏ ଲୋକଙ୍କ ସ୍ୱରକୁ ବିଧାନସଭାରେ ରଖିବାକୁ ଚାହୁଁନାହାନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ଓଡ଼ିଶାକୁ 'ସମୃଦ୍ଧ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ପରିକଳ୍ପିତ 'ବିକଶିତ ଭାରତ'ର ଗ୍ରୋଥ ଇଞ୍ଜିନ କରିବା। କେବଳ ଘୋଷଣା ନୁହେଁ, ଏଥିପାଇଁ ଏକ ସ୍ପଷ୍ଟ ଦିଶା ନିର୍ଦ୍ଦେଶ ସହ ରୋଡ଼ ମ୍ୟାପ୍ ବି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି। ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତି ହାସଲ ଆମର ଲକ୍ଷ୍ୟ। ବର୍ଷକୁ ୯.୫ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରି ୨୦୪୭ରେ ବାର୍ଷିକ ମୁଣ୍ଡପିଛା ଆୟ ୩୨ ଲକ୍ଷ ଟଙ୍କା କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କନ୍ୟାଦାନ ଯୋଜନା ଆମେ ବଜେଟରେ ରଖିଥିଲୁ। ବଜେଟ ପାଇଁ ସାଧାରଣ ଲୋକଙ୍କ ପ୍ରସ୍ତାବ ନିଆଯାଇଥିଲା। ସେମାନଙ୍କ ପ୍ରସ୍ତାବରୁ ହିଁ, ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ବିରୋଧୀ ଦଳର ପ୍ରସ୍ତାବ ଗ୍ରହଣ କରିବା ପାଇଁ ଆମେ ପ୍ରସ୍ତୁତ , କିନ୍ତୁ ସେମାନେ ପ୍ରସ୍ତାବ ଦେବା ପାଇଁ ପ୍ରସ୍ତୁତ ନାହାନ୍ତି। ତାଙ୍କ ଅମଳରେ ଚାଷୀର ଆୟ କଥା ଟିକେ ଲୋକଙ୍କୁ ଜଣାଇ ଦେଇଥିଲେ ଭଲ ହୋଇ ଥାଆନ୍ତା। ସରକାରୀ ତଥ୍ୟ ଅନୁସାରେ ୨୪ ବର୍ଷର ସରକାରଙ୍କ ସମୟରେ ଓଡ଼ିଶାର ଚାଷୀଙ୍କ ଆୟ ସାରା ଭାରତରେ ଶେଷଆଡୁ ଥିଲା ଦ୍ୱିତୀୟ, ମାସିକ ଆୟ ଥିଲା ମାତ୍ର ୫ ହଜାର ୧୧୫ ଟଙ୍କା। ଏ କଥା ସେମାନେ ଭୁଲି ଯାଉଛନ୍ତି, ତେଣୁ ବାରମ୍ବାର ତାଙ୍କୁ ମନେ ପକାଇବାକୁ ପଡ଼େ। ଯେଉଁମାନେ ଆଜି ସରକାରଙ୍କ ଇନପୁଟ୍ ସବ୍‌ସିଡି ବିଷୟରେ ପ୍ରଶ୍ନ ଉଠାଉଛନ୍ତି, ସେମାନେ ବୋଧେ ଭୁଲି ଯାଉଛନ୍ତି, ସେମାନେ ବରଗଡ଼ର ସୋହେଲା ଠାରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ୍‌କହି ଦେଇନଥିଲେ। ଯୁବବର୍ଗ ହେଉଛନ୍ତି ଆମର ପ୍ରକୃତ ଶକ୍ତି। ଏହି ଶକ୍ତିକୁ ଉପଯୋଗ କରିବା ପାଇଁ ଆମର ଅନୁଭବ ହେଉଛି, 'ସାର୍ଟିଫିକେଟ ନୁହେଁ, ସ୍କିଲ୍' । ଅର୍ଥାତ୍, ଯୁବବର୍ଗଙ୍କୁ ଶିକ୍ଷା ନାମରେ କେବଳ ଡିଗ୍ରୀ ପ୍ରଦାନ କରାଯିବ ନାହିଁ। ଆମର ଫୋକସ୍ ହେଉଛି ସ୍କିଲ୍ । ଓଡ଼ିଶା ଏବେ କେବଳ ଦେଶ ନୁହେଁ, ସାରା ବିଶ୍ୱର ଶିଳ୍ପ ସଂସ୍ଥା ଓ ନିବେଶକ ମାନଙ୍କର ଆସ୍ଥାର ପାତ୍ର ହୋଇଛି। ଓଡ଼ିଶାକୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରସ୍ତାବ ଆସିଛି। ତନ୍ମଧ୍ୟରୁ ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡିଙ୍ଗ୍ ହୋଇ ସାରିଛି। ଏହାଦ୍ୱାରା ପ୍ରାୟ ୨ ଲକ୍ଷ ନିଯୁକ୍ତି ଆମେ ସୃଷ୍ଟି କରିସାରିଛୁ। ରାଜ୍ୟର ମୁଖ୍ୟ ସେବକ ଭାବରେ ମୁଁ ନିଜେ, ଏବଂ ମୋ ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ଓଡ଼ିଶାର ବିକାଶ ପାଇଁ କଠିନ ପରିଶ୍ରମ କରୁଛନ୍ତି। ଓଡ଼ିଶା ଭଳି ଗୋଟିଏ ରାଜ୍ୟରେ ମାତ୍ର ଦେଢ଼ ବର୍ଷ ମଧ୍ୟରେ ଏତେ ଟଙ୍କାର ପୁଞ୍ଜି ବିନିଯୋଗ ହେବା, ପୂର୍ବରୁ କେବେ ନଜିର ନାହିଁ। ଏହା କୌଣସି ଚମତ୍କାର ଠାରୁ କମ୍ ନୁହେଁ। ଏ ଚମତ୍କାର ହେଉଛି ଆମର ଡବଲ ଇଞ୍ଜିନ ସରକାର'ର ଇଚ୍ଛାଶକ୍ତି ଓ ଆମ ଅବିଶ୍ରାନ୍ତ ପରିଶ୍ରମର ସୁଫଳ। ତେଣୁ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ କର୍ତ୍ତବ୍ୟପଥରେ ଆଗେଇ ଚାଲିବାକୁ ଅନୁରୋଧ କରୁଛି ଏବଂ ସମସ୍ତଙ୍କ ସହଯୋଗ କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

# ଗଞ୍ଜାମ ସଡ଼କ ଦୁର୍ଘଟଣା ପ୍ରସଙ୍ଗ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର,(ଜା.ପ୍ର): ବ୍ରହ୍ମପୁର ଗୋସାଇଁନୂଆଗାଁ-ହଳଦିଆପଦର ରେଳ ଓଭରବ୍ରିଜରେ ଏକ ଟ୍ରକ ଧକ୍କାରେ ୫ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟଣାକୁ ନେଇ ସୁପ୍ରିମକୋର୍ଟ ରାସ୍ତା ନିରାପତ୍ତା କମିଟି ଉଦବେଗ ପ୍ରକାଶ କରିଛନ୍ତି। ବେପରୁଆ ଗାଡ଼ି ଚାଳନା ଯୋଗୁ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାକୁ ସୁପ୍ରିମକୋର୍ଟ କମିଟି ଗୁରୁତର ସହ ନେବା ସହ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ରିପୋର୍ଟ ମାଗିଛନ୍ତି। ବ୍ରହ୍ମପୁର ହଳଦିଆପଦର ରେଳ ଓଭୋରବ୍ରିଜ ଉପରେ ଗତ ମାସରେ ହୋଇଥିବା ମର୍ମାନ୍ତୁଦ ସଡ଼କ ଦୁର୍ଘଟଣା ମାମଲାରେ ସୁପ୍ରିମକୋର୍ଟ ରାସ୍ତା ନିରାପତ୍ତା କମିଟି ରିପୋର୍ଟ ମାଗିଛନ୍ତି। ମାର୍ଚ୍ଚ ୫ ସୁଦ୍ଧା ବିସ୍ତୃତ ରିପୋର୍ଟ ଦେବାକୁ ଓଡ଼ିଶା ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଅଭୟ ମନୋହର ସାପ୍ରେଙ୍କ ଅଧକ୍ଷତାରେ ଗଠିତ କମିଟି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଏନେଇ ଚିଠି ଲେଖିବା ସହ ଭବିଷ୍ୟତରେ ଦୁର୍ଘଟଣା ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବିତ ସୁରକ୍ଷା ପଦକ୍ଷେପଗୁଡ଼ିକର ରିପୋର୍ଟ ମଧ ରାଜ୍ୟ ସରକାର କମିଟିକୁ ପଠାଇବେ। ଟ୍ରାଫିକ ନିୟମର କଡ଼ାକଡ଼ି ପାଳନ ନହେବା ଏବଂ ଭୁଲ ରାସ୍ତାରେ ଗାଡିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟୁଥିବା କମିଟି ଦର୍ଶାଇବା ସହ ଏହା ଉପରେ ପଦକ୍ଷେପ ନେବାକୁ କୁହାଯାଇଛି। ପ୍ରକାଶଥାଉକି, ଜାନୁଆରୀ ୩୧ ତାରିଖ ଅପରାହ୍ଣ ସାଢେ ୧ଟା ବେଳେ ବ୍ରହ୍ମପୁର ସହରରୁ ଜାତୀୟ ରାଜପଥ-୧୬ କୁ ଯାଉଥିବା ଏକ ଟ୍ରକ ହଳଦିଆପଦର ଓଭରବ୍ରିଜରେ ଦ୍ରୁତ ଗତିରେ ଅନ୍ୟ ଏକ ଟ୍ରକକୁ ଓଭରଟେକ କରିବା ବେଳେ ସମ୍ମୁଖ ପଟୁ ଆସୁଥିବା ୩ଟି ବାଇକକୁ ଧକ୍କା ଦେଇଥିଲା। ଟ୍ରକ ଧକ୍କାରେ ୩ ବାଇକରେ ବସିଥିବା ୫ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଟ୍ରକ ଚାଳକଙ୍କ ବେପାରୁଆ ଗାଡି ଚାଳନା ଯୋଗୁ ବିନା କାରଣରେ ୫ଟି ନିରୀହ ଜୀବନ ଚାଲି ଯାଇଥିଲା। ଏନେଇ ଉଦବେଗ ପ୍ରକାଶ କରିବା ସହ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ। ତ୍ରୁଟିପୂର୍ଣ୍ଣ ବ୍ରିଜ ନକ୍ସାକୁ ଦାୟୀ କରିବା ସହ ତୁରନ୍ତ ବିଶେଷଜ୍ଞ କମିଟି ଗଠନ କରି ଯାଞ୍ଚ କରିବାକୁ ଦାବି କରିଥିଲେ ସାଂସଦ। ଅନ୍ୟପକ୍ଷରେ ହଳଦିଆପଦର ଦୁର୍ଘଟଣା ପ୍ରସଙ୍ଗରେ ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ର ତଦନ୍ତ ଦାବି କରିଛନ୍ତି। ଡିପିଆର ପରିବର୍ତ୍ତନ ଯୋଗୁଁ ଦୁର୍ଘଟଣା ଘଟୁଛି ବୋଲି ସେ କହିବା ସହ କାହା ସ୍ୱାର୍ଥରେ ଡିପିଆର ପରିବର୍ତ୍ତନ ହୋଇଛି ତାହାର ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି।

# ପଳାଶୁଣିରୁ ରସୁଲଗଡ଼ ସ୍କାଏଓ୍ୱାକ୍

ଭୁବନେଶ୍ୱର,(ଜା.ପ୍ର): ରାଜଧାନୀର ଜାତୀୟ ରାଜପଥ-୧୬ରେ ଆଉ ରହିବନି ଦୁର୍ଘଟଣାର ଭୟ। ପଥଚାରୀଙ୍କ ସୁରକ୍ଷା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଅଣ୍ଟା ଭିଡ଼ିଛି। ପଳାଶୁଣିରୁ ରସୁଲଗଡ଼ ପର୍ଯ୍ୟନ୍ତ ନିର୍ମାଣ ହେବ ଏକ ବିଶାଳ ସ୍କାଏଓ୍ୱାକ୍। ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ସ୍କାଏଓ୍ୱାକ୍‌ର ଲମ୍ବ ୫୦୦ ମିଟର ହେବ ଏବଂ ଏଥିପାଇଁ ପ୍ରାୟ ୨୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପଳାଶୁଣି-ରସୁଲଗଡ଼ ଛକ ଏକ ଦୁର୍ଘଟଣାପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ଏହି ଏଲିଭେଟେଡ୍ କରିଡର ନିର୍ମାଣ ହେବା ଫଳରେ ପଥଚାରୀମାନେ ଭାରି ଯାନବାହନ ଚଳାଚଳ କରୁଥିବା ରାସ୍ତା ଉପରେ ନଯାଇ ସୁରକ୍ଷିତ ଭାବେ ଯାଇପାରିବେ। ରାସ୍ତା ଉପରେ ପଥଚାରୀଙ୍କ ଭିଡ଼ କମିବା ଫଳରେ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବ ନାହିଁ ଏବଂ ଟ୍ରାଫିକ୍ ଜାମ୍ ସମସ୍ୟାରୁ ମୁକ୍ତି ମିଳିବ। ଏହି ପଥଚାରୀ ପଥରେ ଉପଯୁକ୍ତ ଆଲୋକୀକରଣ ଓ ଅନ୍ୟାନ୍ୟ ସୁବିଧା ରହିବ, ଯାହା ସ୍ଥାନୀୟ ବାସିନ୍ଦା ଓ ଦୈନିକ ଯାତ୍ରୀଙ୍କ ପାଇଁ ବେଶ୍ ଲାଭଦାୟକ ହେବ।ବୁଧବାର ଏନ୍‌ଏଚ୍‌ଏଆଇର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆରେ ଏହି ସୂଚନା ଦିଆଯାଇଛି। ସହରର ପ୍ରବେଶ ପଥରେ ଟ୍ରାଫିକ୍ ଅନୁଶାସନ ବଜାୟ ରଖିବା ଏବଂ ଲୋକଙ୍କୁ ଏକ ନିରାପଦ ଯାତ୍ରା ଅନୁଭୂତି ପ୍ରଦାନ କରିବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ।

# ବିଧାନସଭାରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ, ଆର୍ଥିକ ଅଭିବୃଦ୍ଧି ହାର ୭.୯% ଆକଳନ

ଭୁବନେଶ୍ୱର,(ଜା.ପ୍ର): ଜାତୀୟ ଅଭିବୃଦ୍ଧି ହାର ୩.୨% ଥିବାବେଳେ ଓଡ଼ିଶାର ଅଭିବୃଦ୍ଧି ହାର ୫.୩% ରହିଛି। ୨୦୨୫-୨୬ (ଅଗ୍ରୀମ ଆକଳନ)ରେ ଓଡ଼ିଶାର ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧,୮୬,୭୬୧ ଟଙ୍କାରେ ପହଞ୍ଚିଛି। ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ୭.୯% ହେବ ବୋଲି ଆକଳନ ହୋଇଛି। କୃଷି କ୍ଷେତ୍ରରେ ବି ଅଭିବୃଦ୍ଧି ଆୟ ୧୯.୨ % ରହିଛି।ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟ୨୦୨୫-୨୬ରେ ଏହା କୁହାଯାଇଛି। ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାହା ଉପସ୍ଥାପନ କରିଛନ୍ତି। ରିପୋର୍ଟରେ ଏକ ସୁନେଲି ସ୍ୱପ୍ନ ଦେଖାଯାଇଛି। ଭିଜନ ୨୦୩୬ ଏବଂ ୨୦୪୭ ସୁଦ୍ଧା 'ବିକଶିତ ଭାରତ, ବିକଶିତ ଓଡ଼ିଶା' ଗଠନ ଲକ୍ଷ୍ୟ ରହିଛି। କୃଷି ଅଭିବୃଦ୍ଧି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆକଳନ ହୋଇଛି। ତେଣୁ ଆଗାମୀ ଦିନରେ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ ଓଡ଼ିଶା। ଏହି ରିପୋର୍ଟ ସାମଗ୍ରିକ ଅର୍ଥନୈତିକ ସ୍ଥିତି ଏବଂ ଭବିଷ୍ୟତର ଆର୍ଥିକ ଯୋଜନା ବିଷୟରେ ସୂଚନା ପ୍ରଦାନ କରିଛି। ରାଜ୍ୟ ସରକାର ଆର୍ଥିକ ସ୍ଥିତିର ସୁପରିଚାଳନା କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମାନଗମନ ଭଳି ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଆୟୁଷ୍ମାନ ଭାରତ ଓ ରାଜ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ ସହ ଶିକ୍ଷା ବଜେଟରେ ୩୮% ବୃଦ୍ଧି ହୋଇଛି। ଆଇଟି, ଡାଟା ସେଣ୍ଟର, ଏଆଇ ଓ ସେମିକଣ୍ଡକ୍ଟର ନୀତି ଲାଗୁ ହୋଇଛି। ବିଦ୍ୟାଳୟ ଭିତ୍ତିଭୂମି ଓ ଡିଜିଟାଲ ସୁବିଧା ବୃଦ୍ଧି କରିଛନ୍ତି। ରାଜ୍ୟରେ ବନ୍ଦର କ୍ଷମତା ବୃଦ୍ଧି ଘଟିଛି। ପାରାଦୀପ ପ୍ରମୁଖ ବନ୍ଦର ହୋଇଛି। ରେଳ ଓ ବିମାନ ସଂଯୋଗରେ ବି ବୃଦ୍ଧି ଘଟିଛି। ବିମାନ ଯାତ୍ରୀ ଓ ରେଳ ଯାତ୍ରୀ ସଂଖ୍ୟାରେ ବୃଦ୍ଧି ଘଟିଛି। ବିଶ୍ୱ କୌଶଳ କେନ୍ଦ୍ର ମାଧ୍ୟମରେ ଉଚ୍ଚ ନିଯୁକ୍ତି ହାର ବଢିଛି। ମହିଳାଙ୍କୁ ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନା ମାଧ୍ୟମରେ ଆର୍ଥିକ ସ୍ୱାଧୀନତା ଦିଆଯାଇଛି। ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିରେ ଉନ୍ନତି ଘଟିଛି। ଏହାଦ୍ୱାରା ଆର୍ଥିକ ସ୍ଥିତିର ସ୍ଥାଣୁତା ଆସିନାହିଁ।

# ରାଜନଗର ଶିକ୍ଷକଙ୍କ ଦ୍ୱାରା ହୋଇଥିବା ଗଣଦୁଷ୍କର୍ମ ପ୍ରତିବାଦରେ ମୋହନ ସରକାରଙ୍କ ଉପରେ ଗର୍ଜିଲା ମହିଳା ବିଜେଡି

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ, ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିଯିବା ସହିତ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମହିଳା କମିସନର ମିନତୀ ବେହେରା, ଜ୍ୟୋତ୍ସ୍ନାମୟୀ ପରିଡ଼ା ଓ ରୀତାଞ୍ଜଳି ପରିଡ଼ା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଟୁକୁନି ସାହୁ କହିଥିଲେ, କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଗୋଟିଏ ସପ୍ତମ ଶ୍ରେଣୀର ଛାତ୍ରୀକୁ ପାଞ୍ଚ ଜଣ ଶିକ୍ଷକଙ୍କ ଦ୍ୱାରା ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି, ଯାହା ପ୍ରତ୍ୟେକ ରାଜ୍ୟବାସୀଙ୍କୁ ମନକୁ ଗଭୀର ଆଘାତ ଦେଇଛି। ଦୁଃଖ ଓ ପରିତାପର ବିଷୟ, ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ବିଦ୍ୟାଳୟ ଏପରିକି ସରକାରୀ ଆବାସିକ ହଷ୍ଟେଲଗୁଡ଼ିକରେ ରହୁଥିବା ନାବାଳିକା ଛାତ୍ରୀମାନେ ଦୁଷ୍କର୍ମ, ନିର୍ଯାତନା ଓ ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ବିରୋଧୀ ଦଳ ବିଶେଷକରି ବିଜୁ ଜନତା ଦଳ ତରଫରୁ ମହିଳା ମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରାଭଙ୍ଗ ହେଉନାହିଁ। ସରକାର ମିଛ ସଫଳତା ବଖାଣି ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ସରକାରଙ୍କ ଉଦାସୀନତା କାରଣରୁ, ମହିଳା ନିର୍ଯାତନା ଥମିବାର ନାଁ ନେଉନାହିଁ। ରାଜକନିକା ଘଟଣାରେ, ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଭେଟି ସ୍ୱାନ୍ତ୍ୱନା ଜଣାଇବା ସହିତ ପୋଲିସ ଅଧିକାରୀଙ୍କୁ ଭେଟି ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଦାବି ରଖିଛନ୍ତି। ମିନତୀ ବେହେରା କହିଥିଲେ, ଯଦିଓ ବିଜେଡି ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ଅଭିଯୁକ୍ତ ମାନଙ୍କୁ ପୋଲିସ ଦ୍ୱାରା ଗିରଫ କରା ଯାଇଛି, ଏହି ନାବାଳିକା ଗଣ ଦୁଷ୍କର୍ମ ଘଟଣାର ସବିଶେଷ ତଦନ୍ତ ହେବା ସହିତ ଏହାକୁ ଫାଷ୍ଟ ଟ୍ରାକ କୋର୍ଟରେ ଶୁଣାଣି କରାଯାଉ ବୋଲି ବିଜେଡି ଦାବି କରୁଛି। ଶ୍ରୀମତୀ ବେହେରା କହିଥିଲେ, ଗତ ୧୯ମାସର ବିଜେପି ଶାସନରେ ୪୦, ୦୦୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହେଲେଣି। ପ୍ରାୟ ୪୦୦୦ ରୁ ଉର୍ଦ୍ଧ୍ୱ ମହିଳା ଦୁଷ୍କର୍ମ ଓ ଗଣ ଦୁଷ୍କର୍ମର ଶିକାର ହେଲେଣି ଓ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ନାବାଳିକା ଦୁଷ୍କର୍ମର ଶିକାର ହେଲେଣି ।

ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ପରିଡା କହିଥିଲେ, ପୀଡିତାଙ୍କ ପରିବାର ସଦସ୍ୟ ଓ ତାଙ୍କର ଗ୍ରାମବାସୀମାନେ ଏହି ଘଟଣାରେ ସମ୍ପୂର୍ଣ୍ଣ ମର୍ମାହତ। ଯୋଜନାବୋଧ ଭାବେ ବିଦ୍ୟାଳୟ ପରିସରରେ ନାବାଳିକା ଜଣକୁ ଦୁଷ୍କର୍ମ କରାଯାଉଥିଲା। ଏହି ଘଟଣା ସମୟରେ ସ୍କୁଲର ସିସି କ୍ୟାମେରାକୁ ବନ୍ଦ କରି ଦିଆ ଯାଉଥିଲା। ଏପରିକି, ଅଭିଯୁକ୍ତ ମାନଙ୍କ ଦ୍ୱାରା ପୀଡିତାଙ୍କୁ ବାରମ୍ବାର ଘଟଣା ବିଷୟରେ କାହାକୁ ନଜଣାଇବା ପାଇଁ କୁହାଯାଉଥିଲା ଓ ସେ ଯଦି କୁହନ୍ତି, ତାହେଲେ ସେହି ସ୍କୁଲରେ ଦୁଇ କ୍ଲାସରେ ପଢୁଥିବା ପୀଡ଼ିତାଙ୍କ ସାନଭାଇକୁ ହତ୍ୟା କରି ଦିଆଯିବ ବୋଲି ଭୟଭୀତ କରାଯାଉଥିଲା। ତେଣୁ, ଏହି ଘଟଣାର ସବିଶେଷ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ବିଜେଡି ଦାବି କରିଛି।

ଜାତୀୟ ଚେତନା
JATIYA CHETANA



# ମମତାର ଶେଷ ଚିଠି



ଗାଁ ମୁଣ୍ଡର ସେଇ ପୁରୁଣା ବରଗଛ ପରି ଛିଡ଼ା ହୋଇଥିଲେ ସୋମନାଥ ବାବୁ। ଶରୀରରେ ବୟସର ଛାପ, କବନ୍ଧ ପରି ଝୁଲି ରହିଥିବା ଚମଡ଼ା, ଆଉ ଆଖିରେ ଏକ ଅସମାପ୍ତ ଅପେକ୍ଷା। ସେ ଥିଲେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ, ଯିଏ ଦେଶକୁ ରକ୍ଷା କରିବା ପାଇଁ ନିଜ ଜୀବନର ସବୁଠୁ ମୂଲ୍ୟବାନ ସମୟ ସୀମାରେ କାଟିଥିଲେ। ସ୍ତ୍ରୀ ସରସ୍ୱତୀ ଥିଲେ ତାଙ୍କର ଏକମାତ୍ର ସାହାରା। ଦୁଇ ପୁଅ—ଆକାଶ ଓ ସାଗର। ବାପା ଚାହୁଁଥିଲେ ପୁଅମାନେ ବଡ଼ ମଣିଷ ହୁଅନ୍ତୁ, ସହରରେ ନାଁ କରନ୍ତୁ। ସେଥିପାଇଁ ସେ ନିଜର ଶୃଙ୍ଖଳିତ ଜୀବନର ସମସ୍ତ ସଞ୍ଚୟକୁ ପାଣି ପରି ବୁହାଇ ଦେଇଥିଲେ।

ଆକାଶ ବଡ଼ ପୁଅ, ସେ ଜଣେ ନାମୀ ଚିକିତ୍ସକ ହେଲା। ସାଗର ସାନ ପୁଅ, ସେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ସହରର ଆଲୋକ ଝଲମଲ ଦୁନିଆରେ ପୁଅମାନେ ଏମିତି ହଜିଗଲେ ଯେ, ଗାଁର ସେଇ ମାଟି ଘର ଆଉ ବୃଦ୍ଧ ବାପା-ମା'ଙ୍କ ସ୍ମୃତି ସେମାନଙ୍କ ପାଇଁ ଏକ ବୋଝ ପରି ମନେହେଲା। ଦିନେ ସରସ୍ୱତୀ ଦେବୀଙ୍କ ଦେହ ବହୁତ ଖରାପ ହେଲା। ସୋମନାଥ ବାବୁ ଥରିଲା ହାତରେ ଆକାଶକୁ ଫୋନ୍ କଲେ। ଆକାଶର ରୁକ୍ଷ ସ୍ୱର ଆସିଲା— 'ବାପା, ମୁଁ ଏବେ ଏକ ବଡ଼ ସର୍ଜରୀରେ ଅଛି, ମୋତେ ବିରକ୍ତ କରନ୍ତୁ ନାହିଁ। ଆପଣ ପାଖ ଡାକ୍ତରଖାନାକୁ ନେଇଯାଆନ୍ତୁ।' ସାଗରକୁ ଫୋନ୍ କଲେ, ସେ କହିଲା- 'ବାପା, ମୁଁ ଏବେ ବିଦେଶ ଗସ୍ତରେ ଅଛି, ଫେରିଲେ ଦେଖିବା।'

ସେଦିନ ରାତିରେ ସରସ୍ୱତୀ ଦେବୀ ସୋମନାଥ ବାବୁଙ୍କ ହାତକୁ ଜାବୁଡ଼ି ଧରି ଶେଷ ନିଶ୍ୱାସ ତ୍ୟାଗ କଲେ। ମୃତ୍ୟୁ ପରେ ବି ପୁଅମାନେ ଶବ ପାଖକୁ ଆସିବାକୁ ଅନିଚ୍ଛା ପ୍ରକାଶ କଲେ। ସେମାନେ କହିଲେ- 'ଗାଁରେ କାମ ସାରିଦିଅନ୍ତୁ, ଆମେ ଏତେ ଦୂରକୁ ଯାଇପାରିବୁ ନାହିଁ।' ସେଦିନ ସୋମନାଥ ବାବୁଙ୍କ ଆଖିରୁ ଲୁହ ଶୁଖିଗଲା। ସେ ବୁଝିଗଲେ ଯେ, ଯେଉଁ ରକ୍ତକୁ ସେ ସିଞ୍ଚି ବଡ଼ କରିଥିଲେ, ସେଥିରେ ମମତା ନାହିଁ, ଅଛି କେବଳ ସ୍ୱାର୍ଥର ବିଷ।

କିଛି ଦିନ ପରେ ପୁଅମାନେ ଗାଁକୁ ଆସିଲେ, କିନ୍ତୁ ବାପାଙ୍କୁ ସାନ୍ତ୍ୱନା ଦେବାକୁ ନୁହେଁ, ବରଂ ଗାଁର ସେଇ ପୈତୃକ ଜମି ଓ ଘରକୁ ବିକ୍ରି କରିବା ପାଇଁ। ସେମାନେ ବାପାଙ୍କୁ ଏକ ବୃଦ୍ଧାଶ୍ରମରେ ଛାଡ଼ିଦେବାକୁ ଯୋଜନା କଲେ। ସୋମନାଥ ବାବୁ ନୀରବରେ ସବୁ ଦେଖୁଥିଲେ। ସେଦିନ ସନ୍ଧ୍ୟାରେ ସେ ଏକ କାଗଜରେ କିଛି ଲେଖିଲେ ଏବଂ ତାଙ୍କର ସମସ୍ତ ସମ୍ପତ୍ତି ଏକ ଅନାଥ ଆଶ୍ରମ ନାମରେ କରିଦେଲେ। ସେ ପୁଅମାନଙ୍କୁ କହିଲେ- 'ତୁମେମାନେ ମୋ ଶରୀରର ଅଂଶ ହୋଇପାର, କିନ୍ତୁ ମୋ ଆତ୍ମାର ନୁହେଁ। ଯେଉଁ ସନ୍ତାନ ବାପା-ମା'ଙ୍କୁ ବୋଝ ମନେକରେ, ସେ ଭଗବାନଙ୍କ ଆଖିରେ କେବେ ବି ସନ୍ତାନ ହୋଇପାରିବ ନାହିଁ।'

ସୋମନାଥ ବାବୁ ନିଜର ଏକ ଛୋଟ ବ୍ୟାଗ୍ ଧରି ଘରୁ ବାହାରିଗଲେ। ପଛକୁ ଫେରି ଚାହିଁଲେ ନାହିଁ। ପୁଅମାନେ ଆଶ୍ଚର୍ଯ୍ୟ ହୋଇ ରହିଗଲେ, କାରଣ ସେମାନେ ଭାବିଥିଲେ ବାପାଙ୍କ ପାଖରେ ଏବେ ବି ବହୁତ ଟଙ୍କା ଅଛି। କିନ୍ତୁ ସୋମନାଥ ବାବୁ ବୁଝି ସାରିଥିଲେ ଯେ, ଜୀବନର ଶେଷ ସମୟରେ ଟଙ୍କା ନୁହେଁ, ବରଂ ଶାନ୍ତି ଦରକାର। ସେଇ ଦିନଠାରୁ ସେଇ ବଡ଼ ଘରଟି ଖାଲି ପଡ଼ିଛି। ସେଠାରେ ଏବେ ସନ୍ତାନଙ୍କ ନିଷ୍ଠୁରତାର ନୀରବ ଚିତ୍କାର ଶୁଭେ। ଲୋକେ କୁହନ୍ତି, ଯେଉଁଠି ମମତା ହାରିଯାଏ, ସେଠାରେ କେବଳ ଅନ୍ଧାର ହିଁ ରହିଯାଏ। ଏହି କାହାଣୀ ପ୍ରତ୍ୟେକ ସେଇ ସନ୍ତାନ ପାଇଁ ଏକ ଚେତାବନୀ, ଯିଏ ନିଜର ବୟସ୍କ ପିତାମାତାଙ୍କୁ ଅନାବଶ୍ୟକ ମନେକରନ୍ତି। ଶେଷରେ ସମୟ ସମସ୍ତଙ୍କୁ ନ୍ୟାୟ ଦିଏ, ଆଉ ସେଦିନ ହୁଏତ ଅନୁଶୋଚନା କରିବାକୁ ବି ସମୟ ନଥାଏ।

**ମୋନାଲିସା ସେଣ**
*ଚାନ୍ଦପୁର, ନୟାଗଡ଼*

# ନୀଳ ଆକାଶର କଳା ମେଘ



ପ୍ରେମ ଏବଂ ପ୍ରତାରଣାର ସୀମା ଯେଉଁଠି ମିଶିଯାଏ, ସେଇଠି ଜନ୍ମ ନିଏ ଏକ ଅସମାପ୍ତ କାହାଣୀ। ସହରର ସେଇ ବ୍ୟସ୍ତବହୁଳ କଲେଜ କ୍ୟାମ୍ପସରେ ଆର୍ଯ୍ୟନ ଏବଂ ଅନନ୍ୟାଙ୍କ ଭେଟ ହୋଇଥିଲା। ଆର୍ଯ୍ୟନ ଥିଲା ଜଣେ ମଧ୍ୟବିତ୍ତ ପରିବାରର ମେଧାବୀ ଛାତ୍ର, ଯାହାର ଆଖିରେ କେବଳ ଭବିଷ୍ୟତର ସ୍ୱପ୍ନ ଥିଲା। ଅନ୍ୟପଟେ ଅନନ୍ୟା ଥିଲା ଜଣେ ଧନୀ ଘରର ଝିଅ, ଯାହାର ସୌନ୍ଦର୍ଯ୍ୟ ଆଗରେ ସାରା କଲେଜ ପାଗଳ ଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ଅନନ୍ୟା ନିଜେ ଆର୍ଯ୍ୟନ ଆଡ଼କୁ ବନ୍ଧୁତାର ହାତ ବଢ଼ାଇଥିଲା। ଧୀରେ ଧୀରେ ସେଇ ବନ୍ଧୁତା ପ୍ରେମରେ ପରିଣତ ହେଲା। ଆର୍ଯ୍ୟନ ପାଇଁ ଅନନ୍ୟା ହିଁ ଥିଲା ତା' ଦୁନିଆର ସବୁଠୁ ବଡ଼ ସତ୍ୟ। ସେ ନିଜର ପାଠପଢ଼ା, ନିଜର ସମୟ ଏବଂ ସର୍ବୋପରି ନିଜର ଆତ୍ମସମ୍ମାନକୁ ମଧ୍ୟ ଅନନ୍ୟା ପାଇଁ ଉତ୍ସର୍ଗ କରିଦେଇଥିଲା।

କଲେଜ ଶେଷ ହେବା ପରେ ଆର୍ଯ୍ୟନ ଏକ ଭଲ ଚାକିରି ପାଇଲା। କିନ୍ତୁ ଅନନ୍ୟା ଚାହୁଁଥିଲା ଏକ ବିଳାସପୂର୍ଣ୍ଣ ଜୀବନ। ଆର୍ଯ୍ୟନ ତା'ର ସବୁ ଇଚ୍ଛା ପୂରଣ କରିବାକୁ ଦିନରାତି ଏକ କରି ଦେଲା। ନିଜ ବାପା-ମା'ଙ୍କୁ ପର କରି ସେ ଅନନ୍ୟା ସହ ରହିବାକୁ ସହର ଚାଲିଗଲା। ଅନନ୍ୟା କହିଲା, 'ଆମେ କୋର୍ଟ ମ୍ୟାରେଜ କରିବା, କିନ୍ତୁ ମୋ ବାପା ରାଜି ହେବା ଯାଏଁ ଏହାକୁ ଗୁପ୍ତ ରଖିବାକୁ ହେବ।' ଆର୍ଯ୍ୟନ ଅନ୍ଧ ଭଳି ତା' କଥା ମାନିନେଲା। ସେ ନିଜର ସମସ୍ତ ସଞ୍ଚିତ ଅର୍ଥ ଅନନ୍ୟାର ନାମରେ ଏକ ନୂଆ ଫ୍ଲାଟ୍ କିଣିବାରେ ଲଗାଇଦେଲା। ସେ ଭାବିଥିଲା, 'ଏଇଟା ହିଁ ତ ଆମର ନୀଡ଼।'

ଦିନେ ଆର୍ଯ୍ୟନ ଅଫିସରୁ ଶୀଘ୍ର ଫେରିଆସିଲା। ସେଦିନ ସେମାନଙ୍କର ବିବାହର ପ୍ରଥମ ବର୍ଷିକୀୟା ଥିଲା, ଯଦିଓ ସେମାନେ ଲୁଚିକରି ରହୁଥିଲେ। ସେ ଅନନ୍ୟା ପାଇଁ ଏକ ମୂଲ୍ୟବାନ ହାର ଆଣିଥିଲା। କିନ୍ତୁ ଘର ଭିତରକୁ ପଶୁ ପଶୁ ସେ ଯାହା ଦେଖିଲା, ତାହା ତା'ର ପାଦ ତଳୁ ମାଟି ଖସାଇ ଦେଲା। ଅନନ୍ୟା ସେଇ ଫ୍ଲାଟ୍‌ରେ ଜଣେ ଅଜଣା ଯୁବକ ସହ ବସି ହସଖୁସି କରୁଥିଲା। ସେଇ ଯୁବକ ଜଣକ ଥିଲା ସହରର ଜଣେ ବଡ଼ ବିଜନେସମ୍ୟାନଙ୍କ ପୁଅ। ଆର୍ଯ୍ୟନ ଚିତ୍କାର କରି ପଚାରିଲା, 'ଅନନ୍ୟା, ଏସବୁ କ'ଣ ?'

ଅନନ୍ୟାଙ୍କ ମୁହଁରେ କୌଣସି ଅନୁଶୋଚନା ନଥିଲା। ସେ ଖୁବ୍ ଶାନ୍ତ ସ୍ୱରରେ କହିଲା, 'ଆର୍ଯ୍ୟନ, ତୁମେ ଏବେ ବି ସେଇ ବୋକାଟେ ହୋଇ ରହିଗଲ। ତୁମକୁ କ'ଣ ସତରେ ଲାଗୁଥିଲା ମୁଁ ଜଣେ ମଧ୍ୟବିତ୍ତ ପୁଅ ସହ ସାରା ଜୀବନ କାଟିବି ? ମୋତେ ଏଇ ଫ୍ଲାଟ୍ ଏବଂ କିଛି ଟଙ୍କା ଦରକାର ଥିଲା ଯାହା ମୋ ବାପା ମୋତେ ଦେଉନଥିଲେ। ତୁମେ ସେଇ ସାହାଯ୍ୟ କରିଦେଲ, ସେଥିପାଇଁ ଧନ୍ୟବାଦ।' ଆର୍ଯ୍ୟନ ଦେଖିଲା ଯେ ସେ କିଣିଥିବା ଘରର କାଗଜପତ୍ରରେ ଚତୁରତାର ସହ କେବଳ ଅନନ୍ୟାର ନାମ ଲେଖାଯାଇଥିଲା। ସେ କୋର୍ଟ ମ୍ୟାରେଜ୍‌ର ଯେଉଁ କାଗଜରେ ସାଇନ୍ କରିଥିଲା, ତାହା ମଧ୍ୟ ନକଲି ଥିଲା। ସେ ବୁଝିପାରିଲା ଯେ ସେ ଯେଉଁ ପ୍ରେମକୁ ନିଜର ଭଗବାନ ମାନିଥିଲା, ତାହା କେବଳ ଏକ ଗଣିତର ହିସାବ ଥିଲା।

ଶେଷରେ ଆର୍ଯ୍ୟନ ବୁଝିଗଲା ଯେ ପ୍ରେମ ମଣିଷକୁ ସ୍ୱର୍ଗ ଦେଖାଏ ସତ, କିନ୍ତୁ ଅନ୍ଧ ପ୍ରେମ ପ୍ରତାରଣାର ଗାତକୁ ହିଁ ନେଇଯାଏ। ସେ ନିଜର ସବୁକିଛି ହରାଇ ମଧ୍ୟ ନିଜର ଆତ୍ମବିଶ୍ୱାସକୁ ଖୋଜି ପାଇଲା ଏବଂ ସେଇଠୁ ତା'ର ଏକ ନୂଆ ସଂଘର୍ଷର ଜୀବନ ଆରମ୍ଭ ହେଲା।

**ସୁନିତା ସୁବୁଦ୍ଧି**
*ଆଙ୍କୁଲି, ବ୍ରହ୍ମପୁର, ଗଞ୍ଜାମ*

## ପିଲାଦିନ

ସତରେ ଭାରି ଭଲ ଥିଲା ପିଲାବେଳ
ବୟସ ଛଡ଼ାଇ ନେଲା ସବୁଖେଳ
ଖରାବେଳେ ଆମ୍ବ ତୋଳିବାର ମଜା
ଭାରି ଭଲ ଲାଗେ ଜେଜେମା'ଙ୍କ
ହାତ ତିଆରି ଖଜା।
ଗାଁ ଦାଣ୍ଡରେ ସାଙ୍ଗସାଥୀଙ୍କ ସହିତ ଖେଳ
ଖରା ଛୁଟିରେ ଭାଇଭଉଣୀଙ୍କ ସାଙ୍ଗେ
ମେଳ
ଆଈଙ୍କ ହାତର ସୁଆଦିଆ ଖାଦ୍ୟ
ଅଜାଙ୍କ ସହିତ ସେଇ ସ୍ନେହଭରା ଦିନ
ସତରେ ଭାରି ମନେପଡ଼େ
ସେ ପିଲାଦିନ।
କୁଆଁର ପୁନେଇଁର ଚାନ୍ଦ ପୂଜା
ରଜରେ ପିଠାଖିଆ ଓ ଦୋଳି ଖେଳ
ପର୍ବପର୍ବାଣୀରେ ନୂଆ ଜାମା
ସତରେ ମନରୁ ସେସବୁ ଲିଭୁନି ଜମା
ଜେଜେମା'ଙ୍କ ସୁମଧୁର ଗପପେଡ଼ି
ଓ ମିଠା ପାନ
ଜେଜେବାପାଙ୍କ ସହ ମେଳା
ବୁଲିଯିବାର ଦିନ
ଖରା ଛୁଟି ସରିଲେ ସ୍କୁଲକୁ
ଯିବାର ଉଲ୍ଲାସ
ଗୁରୁଜୀଙ୍କଠାରୁ ମାଡ଼ ଖାଇ
ପିଠିରେ ଦରଜ।
କୁନି କୁନି ଓଠେ ମୋର ଖିଲିଖିଲି ହସ
ସବୁବେଳେ ମନ ମୋର
ଥିଲା ଯେ ଉଲ୍ଲାସ
ଜିତିଥିଲି ସେତେବେଳେ
ସଭିଙ୍କର ମନ
କାହିଁଗଲା ମୋର ସେହି
ଅଫେରନ୍ତା ପିଲାଦିନ।

**ଲଭ ଲି ପୁରବୀ**
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା

## ଆଦର୍ଶ ଶିଶୁ

ଆହେ ଦୟାମୟୀ ଦିବ୍ୟଜନନୀ
ପାଦେ ଏତିକି କରୁଛି ଦୟିନୀ
ତୁମ କଥା ସଦା ମୁହିଁ ମାନିବି
ତେବେ ଆଦର୍ଶ ଶିଶୁ ମୁଁ ହୋଇବି।
ସଦା ଥଣ୍ଡା ମନରେ ମୁଁ ରହିବି
ପୁଣି ଉଚିତ କର୍ମ ମୁଁ କରିବି
ସତ କହିବାକୁ ନା ମୁଁ ଡରିବି
ଧୈର୍ଯ୍ୟ ରଖି ସବୁ କାର୍ଯ୍ୟ କରିବି।
ହୃଦେ ସହନଶୀଳତା ରଖିବି
ଅଧ୍ୟବସାୟ ସ୍ୱଭାବ ରଖିବି
କେବେ ଚେଷ୍ଟାରେ ବିଫଳ ନୋହିବି
ଜୟ ପରାଜୟେ ସମତା ରଖିବି।
ସାହସ ଶକତି ସହିତ ଚାଲିବି
ସଦା ପ୍ରଫୁଲ୍ଲ ଚିତ୍ତେ ମୁଁ ରହିବି
ବିନମ୍ରତା ହେଉ ମୋ ଭୂଷଣ
ଉଦାର ହେବି ଆସୁ ପଥେ ଯେତେ
କଷଣ
ତୁମ ଦୟା ଥିଲେ ମୋ ସାଥିରେ
ଲଙ୍ଘି ଯିବି ଏ ଜୀବନ ପଥରେ।

**ରମାକାନ୍ତ ନନ୍ଦ**
ଚେତନାଶକ୍ତି ନିଳୟ,
ଗୋପବନ୍ଧୁ ନଗର, ବାଲୁଗାଁ, ଖୋର୍ଦ୍ଧା

ଜାତୀୟ ଚେତନା
JATIYA CHETANA



## ବଜେଟ୍ ଅଭିଭାଷଣ: ରାଜ୍ୟ ସରକାରଙ୍କୁ ପ୍ରଶଂସାରେ ପୋତିଲେ ରାଜ୍ୟପାଳ

# ଆତ୍ମନିର୍ଭର ଭାରତ ଲକ୍ଷ୍ୟରେ ଆଗକୁ ବଢୁଛି ଓଡ଼ିଶା



ଭୁବନେଶ୍ୱର,(ଜା.ପ୍ର): ଆତ୍ମନିର୍ଭର ଭାରତ ଲକ୍ଷ୍ୟରେ ଆଗକୁ ବଢୁଛି ଓଡ଼ିଶା। ସେମି କଣ୍ଡକ୍ଟର ହବ୍ ହେବ ଓଡ଼ିଶା। ବିକଶିତ ଭାରତର ଓଡ଼ିଶା ହେବ ଗ୍ରୋଥ୍ ଇଞ୍ଜିନ। ରାଜ୍ୟରେ ରାସ୍ତାର ଆଧୁନିକୀକରଣ କରାଯାଉଛି। ସମୃଦ୍ଧ ଓଡ଼ିଶା ଗଠନ କରିବାରେ ରାଜ୍ୟ ସରକାର ସମୃଦ୍ଧ ଓଡ଼ିଶା ଗଠନ କରିବାରେ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ଏନେଇ ବହୁ ପଦକ୍ଷେପ ନେଇଛନ୍ତି। ମୋ ସରକାର ଏକ ସମୃଦ୍ଧ, ସଶକ୍ତ ଓ ସମାବେଶୀ ଓଡ଼ଶା ନିର୍ମାଣ କରୁଛି, ଅଭିବୃଦ୍ଧି ସହାନୁଭୂତି ବହନ କରେ ଏବଂ ବିକାଶ ମର୍ଯ୍ୟାଦା ପ୍ରଦାନ କରେ। ଭିଜନ ୨୦୩୬ ଆଡ଼କୁ ଆଗେଇ ଯାଉଥିବା ଆମର ଯାତ୍ରା, ଲୋକଙ୍କ ଆତ୍ମ ବିଶ୍ୱାସ ଦ୍ୱାରା ପରିଚାଳିତ, ଅନୁଷ୍ଠାନ ଦ୍ୱାରା ସଶକ୍ତ ଓ ପ୍ରତ୍ୟେକ ଓଡ଼ିଆର ଭବିଷ୍ୟତ ଦ୍ୱାରା ପ୍ରେରିତ। ରାଜ୍ୟସରକାରଙ୍କୁ ଏଭଳି ଭାବେ ପ୍ରଶଂସାରେ ପୋତିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି।

ଦୁଇ ପର୍ଯ୍ୟାୟ ବିଶିଷ୍ଟ ବିଧାନସଭାର ପ୍ରଥମ ଅଧିବେଶନ ପ୍ରଥମ ଦିନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ ପାଟି ନିଜ ଅଭିଭାଷଣରେ ଏଭଳି ଭାବେ ରାଜ୍ୟସରକାରଙ୍କୁ ପ୍ରଶଂସାରେ ପୋତିଛନ୍ତି। ପ୍ରାୟ ୧ଘଣ୍ଟା ୪୬ ମିନିଟ୍ ଧରି ସେ ଅଭିଭାଷଣ ଦେଇଛନ୍ତି। ରାଜ୍ୟପାଳ କହିଛନ୍ତି ଯେ, ଆମେ ଲୋକଙ୍କ ପାଇଁ ଯେଉଁ ପ୍ରତିଶୃତି ବହନ କରୁଛୁ ତାହା ଆମେ ତାହା ହାସଲ କରୁଛୁ ଓ ଯାହା ହାସଲ କରିଛୁ, ତାହା ଆମ ପାଇଁ ବଡ଼ ଓ ଓଡ଼ିଶା ପ୍ରତି ଆମର ଯେଉଁ ଭବିଷ୍ୟତ ଅଛି, ତାହା ଆମେ ଏପର୍ଯ୍ୟନ୍ତ ଯାହା ନିର୍ମାଣ କରିଛୁ, ତାହାଠାରୁ ଉଜ୍ୱଳ। ୨୦୩୬ ଏପ୍ରିଲ ୧ ତରଖ ଆମ ସମ୍ମୁଖରେ ସତ୍ୟନିଷ୍ଠ ପ୍ରତଜ୍ଞା ଭଳି ଦଣ୍ଡାୟମାନ। ୨୦୩୬ ସୁଦ୍ଧା ଓଡିଶାକୁ ୫୦୦ ବିଲିଆନ ଆମେରିକୀୟ ଦଲାର ଅର୍ଥନୀତି ଟାର୍ଗେଟ। ୮୩୦୦ କୋଟି ଟଙ୍କାର ରାମେଶ୍ୱରରୁ ପାରାଦ୍ୱୀପ ଉପକୂଳ ରାଜପଥ ଅନୁମୋଦନ। ୮୦୩୮ କୋଟି ବ୍ୟୟରେ ଭୁବନେଶ୍ୱର ବାଇପାସ।ଇଣ୍ଡିଆ ସେମିକାଣ୍ଡକ୍ତର ମିଶନ ଅଧୀନରେ ୨୦୬୬ କୋଟି ବିନିଯୋଗ ଯୋଜନା। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୧୦୬ କୋଟି। ୨୦୩୦ ସୁଦ୍ଧା ସୌର, ବାୟୁ ଓ ଉନ୍ନତ ଶକ୍ତି ସଂଚୟ ସମାଧାନ ପାଇଁ ୧୦ ଗିଗାୱାଟ ପୁନଃ ନବୀକରଣ କ୍ଷମତା ସ୍ଥାପନ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରୁ ଓଡ଼ିଶାକୁ ବଡ଼ ପ୍ରକଳ୍ପ ମିଳୁଛି, ଏହା ଉଜ୍ୱଳ ଓଡ଼ିଶାର ଭବିଷ୍ୟତକୁ ଦର୍ଶାଉଛି। ଚଳିତ ବର୍ଷ ରାଜ୍ୟ ସରକାର ୨୭୧୧.୬୫ କିଲୋମିଟର ବିଶିଷ୍ଟ ୬୪୮ ଟି ରାସ୍ତା ନିର୍ମାଣ କରିବେ ରାଜ୍ୟ ସରକାର। ଜାତୀୟ ଶିକ୍ଷାନୀତୀକୁ ପ୍ରଶଂସା କରିଛନ୍ତି ରାଜ୍ୟପାଳ ଜାତୀୟ ଶିକ୍ଷାନୀତୀ ଅନୁସାରେ ପ୍ରଥମ ଶ୍ରେଣୀରେ ନାମଲେଖା ବୟସ ୬+ ବର୍ଷ ଓ ଫଶିଶୁ ବାଟିକା' ନାମରେ ୪୫ ହଜାରରୁ ଅଧିକ ପ୍ରାକ୍-ପ୍ରାଥମିକ ଶ୍ରେଣୀ ଆରମ୍ଭ ହୋଇଛି। ପ୍ରଥମ ଥର ପାଇଁ ୫ରୁ ୬ ବର୍ଷ ବୟସର ପ୍ରାୟ ୩.୨ ଲକ୍ଷ ଶିଶୁ ନାମ ଲେଖାଇଛନ୍ତି। ରାଜ୍ୟରେ ମୁଣ୍ଡପିଛା ଆୟ ବୃଦ୍ଧି ପାଇଛି। ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟ ୧.୮ ଲକ୍ଷରୁ ୩୨ ଲକ୍ଷକୁ ବୃଦ୍ଧି କରାଯିବ। ୨୦୩୬ରେ ଓଡ଼ିଶା ଗଠନର ଶହେ ବର୍ଷ ପୂରଣ ହେବ। ୨୦୩୬ ଓ ୨୦୪୭ ପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହୋଇଛି। ବହୁମୁଖୀ ଦ୍ରାରିଦ୍ୟକୁ ୫ ପ୍ରତିଶତକୁ କମାଇବା ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ଆତ୍ମନିର୍ଭର ଭାରତ ଲକ୍ଷ୍ୟରେ ଆଗକୁ ବଢୁଛି ଓଡ଼ିଶା। ଆତ୍ମନିର୍ଭର ଭାରତରେ ସେମି କଣ୍ଡକ୍ଟର ହବ୍ ହେବ ଓଡ଼ିଶା। ରାଜ୍ୟରେ ରାସ୍ତାର ଆଧୁନିକୀକରଣ କରାଯାଉଛି। ଚଳିତ ବର୍ଷ ରାଜ୍ୟ ସରକାର ୨୭୧୧.୬୫ କିଲୋମିଟର ବିଶିଷ୍ଟ ୬୪୮ ଟି ରାସ୍ତା ନିର୍ମାଣ କରିବେ ରାଜ୍ୟ ସରକାର। ରାଜ୍ୟପାଳ କହିଛନ୍ତି ଯେ, ରାଜ୍ୟରେ ନୂଆ ସରକାର୍ ଆସିବା ପରେ ୧୬ ଲକ୍ଷ ୪୨ ହଜାର ଲକ୍ଷାପତି ଦିଦି ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ସରକାର। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୬ ଲକ୍ଷ ୧୯ ହଜାର ସୃଷ୍ଟି କରିବାକୁ ଧାର୍ଯ୍ୟ କରାଯାଇଥିଲା। ଏସ୍ଏଚ୍ଜି ସଦସ୍ୟମାନଙ୍କୁ ବାର୍ଷିକ ଅନ୍ୟୁନ ୧ ଲକ୍ଷ ଟଙ୍କା ରୋଜଗାର କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟରେ ବଢ଼ିଛି ଚାଷୀଙ୍କ ମୁଣ୍ଡପିଛା ଆୟ। ସମୃଦ୍ଧ କୃଷକ ଯୋଜନାରେ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ପାଇଁ ୬ ହଜାର କୋଟି ଟଙ୍କା ଏବଂ ସିଏମ୍ କିଶାନ ଯୋଜନାରେ ଆୟବୃଦ୍ଧି ପାଇଁ ୨୦୨୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଫଳରେ ଚାଷୀ ପରିବାରର ମୁଣ୍ଡପିଛା ଆୟ ଯଥେଷ୍ଟ ବୃଦ୍ଧି ପାଇଛି। ଭିତ୍ତିଭୂମି ସୁଦୃଢ଼ କରିବାକୁ ମୋ ସରକାର ପ୍ରତିଶ୍ରୁତିବଦ୍ଧ। ଭୁବନେଶ୍ୱର-ଖୋର୍ଦ୍ଧା-କଟକକୁ ନେଇ ରିଂରୋଡ୍ ନିର୍ମାଣ ହେଉଛି। ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ହେବ ଫ୍ଲାଏଓଭର ବ୍ରିଜ। ସେହିଭଳି ରାଜ୍ୟରୁ ଅପପୃଷ୍ଟି ଓ ରକ୍ତହୀନତା ଦୂର କରିବା ଲକ୍ଷ୍ୟ। ମୋ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘଗୁଡ଼ିକୁ ସୁଦୃଢ଼ କରିବା ଏବଂ ଭିତ୍ତିଭୂମି ସହାୟତା ଯୋଗାଇବା ପାଇଁ ବ୍ୟାପକ ଭାବରେ ପ୍ରତିଷ୍ଠାନ ଗଠନ କାର୍ଯ୍ୟ ଆରମ୍ଭ କରିଛି। ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଏବଂ ୧୧୪ଟି ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୬୫୦୦ରୁ ଅଧିକ ମିଶନ ଶକ୍ତି ଗୃହ ଆବଣ୍ଟିତ କରାଯାଇଛି। 'ସୁଭଦ୍ରା ଶକ୍ତି କେନ୍ଦ୍ର' ପଦକ୍ଷେପ ଅଧୀନରେ ୩୩୮ଟି ବ୍ଲକ୍-ସ୍ତରୀୟ କେନ୍ଦ୍ର ଓ ୩୦ଟି ଜିଲ୍ଲା-ସ୍ତରୀୟ କେନ୍ଦ୍ର ନିର୍ମାଣ ବ୍ୟବସ୍ଥା କରାଯାଇଥିଲା, ଯାହା ମଧ୍ୟରୁ ୩୨୨ଟି ବ୍ଲକ୍ କେନ୍ଦ୍ର ଓ ୧୩ଟି ଜିଲ୍ଲା କେନ୍ଦ୍ର ସମ୍ପୂର୍ଣ୍ଣ ହୋଇଛି। ମୋ ସରକାର ଦକ୍ଷତା, ଉତ୍ପାଦକତା ଏବଂ ଉଦ୍ୟୋଗ ପ୍ରସ୍ତୁତିରେ ଉନ୍ନତି ଆଣିବା ପାଇଁ କ୍ଷମତା ବୃଦ୍ଧି ଉପରେ ପ୍ରମୁଖ ଗୁରୁତ୍ୱ ଦେଇଛନ୍ତି। ଏମିତି ବହୁ ଲୋକ ହିତକର ଯୋଜନା କାର୍ଯ୍ୟକାରୀ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ତେବେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ରାଜ୍ୟପାଳଙ୍କ ଅଭିଭାଷଣ ଏକତରଫା ଓ ସରାକରଙ୍କୁ ଅଯଥାରେ ପ୍ରଶଂସା କରୁଛନ୍ତି ବୋଲି ଅଭିଯୋଗ କରି କକ୍ଷତ୍ୟାଗ କରିଥିଲେ।

## ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ହେବ ଉନ୍ନୟନ ଓ ସମ୍ପ୍ରସାରଣ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ବିକାଶକୁ ତ୍ୱରିତ ଗତିରେ ଆଗେଇ ନେବାକୁ ହେଲେ ବିଭିନ୍ନ ଭିତ୍ତଭୂମି ପ୍ରକଳ୍ପକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ଏବଂ ନୂତନ ପ୍ରକଳ୍ପ ଲାଗି ଯୋଜନା ପ୍ରସ୍ତୁତ କରିବା ଜରୁରୀ ଓ ବିଗତ ବର୍ଷରେ ପୂର୍ତ୍ତ ବିଭାଗ ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସାରିବା ଏବଂ ବଜେଟ ଅର୍ଥକୁ ସଠିକ ଭାବେ ଖର୍ଚ୍ଚ କରିବା କ୍ଷେତ୍ରରେ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିଥିଲା। ସେହିଭଳି ଚଳିତ ବର୍ଷ ମଧ୍ୟ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ବିଭାଗ ଯେପରି ଭଲ ପ୍ରଦର୍ଶନ କରିବ ସେଥିନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଭାଗର ପ୍ରକଳ୍ପ ୱାରୀ ଖର୍ଚ୍ଚର ସମୀକ୍ଷା କରିଛନ୍ତି। ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧ୍ୟକ୍ଷତା କରିବା ସହ ରାଜ୍ୟର ପ୍ରମୁଖ ପ୍ରକଳ୍ପ ଗୁଡିକର ଅଗ୍ରଗତି ଓ ବଜେଟର ଖର୍ଚ୍ଚ ସମୀକ୍ଷା କରିବା ସହ ବ୍ୟୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପ୍ରକଳ୍ପର ଗୁଣବତ୍ତା ଯାଞ୍ଚ ନେଇ ନିର୍ଦ୍ଦେଶ ଦେବା ସହ ଅନ୍ୟ ବିଭାଗରୁ ନିର୍ମାଣ ବିଭାଗ ଅଧୀନକୁ ଆସିଥିବା ନୂତନ ରାସ୍ତାର ଉନ୍ନୟନ ଏବଂ ସମ୍ପ୍ରସାରଣ, ଏକାମ୍ର, ସମଲେଇ, ଅବଢ଼ା ପ୍ରକଳ୍ପ ସମେତ ବିଭିନ୍ନ ରାସ୍ତା, କୋଠାବାଡି ଓ ସେତୁ ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି ସିଭିଲ ଇଂ ସତ୍ୟବ୍ରତ ବେହେରା, ଇଆଇସି ରୋଡ୍ସ ଇଂ ଧାନଚାନ୍ଦ ନାୟକ, ଅର୍ଥପରାମର୍ଶଦାତା ରତିକାନ୍ତ ମହାପାତ୍ରଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶକୁ ଓଡ଼ିଶା ଯୋଗାଇବ ୧୦୦ ନିୟୁତ ଟନ୍ ଇସ୍ପାତ

ଭୁବନେଶ୍ୱର,(ଜା.ପ୍ର): ମୁଣ୍ଡପିଛା ଇସ୍ପାତ ବ୍ୟବହାର ବୃଦ୍ଧି ପାଇବ। ୨୦୩୦ ସୁଦ୍ଧା ୩୦୦ ନିୟୁତ ଟନ୍ ଜାତୀୟ ଲକ୍ଷ୍ୟ ପୂରଣ ପାଇଁ ୧୦୦ ନିୟୁତ ଟନ୍ ଇସ୍ପାତ ଯୋଗାଇବାକୁ ଓଡ଼ିଶା ନିଜକୁ ପ୍ରସ୍ତୁତ ରଖୁଛି। ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ଦିନରେ ଅଭିଭାଷଣ ଦେଇ ଏହା ତଥ୍ୟ ରଖିଛନ୍ତି ରାଜ୍ୟପାଳ ଡ଼ ହରି ବାବୁ କୁମ୍ଭମ ପାଟି। ରାଜ୍ୟପାଳ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାରେ ବାର୍ଷିକ ପ୍ରାୟ ୪୫.୬୨ ନିୟୁତ ଟନ୍ ସ୍ଥାପିତ କ୍ଷମତା ବିଶିଷ୍ଟ କାର୍ଯ୍ୟକ୍ଷମ ୫୫ଟି ଇସ୍ପାତ କାରଖାନା ଅଛି। ଦେଶର ମୋଟ୍ ସ୍ଥାପିତ ଇସ୍ପାତ କ୍ଷମତାର ପ୍ରାୟ ୨୩%। ଏହି କ୍ଷମତାକୁ ବଢ଼ାଇବାକୁ ପଡ଼ିବ। ବାର୍ଷିକ ପ୍ରାୟ ୧୦୦ ନିୟୁତ ଟନ୍ ଇସ୍ପାତ ଯୋଗାଇବ ଓଡ଼ିଶା।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬

# ପ୍ରଶିକ୍ଷିତ ହେବେ ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲ୍ଲା, ୭ ମୋର୍ଚ୍ଚାର ନେତା

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟ କାର୍ଯ୍ୟାଳୟରେ 'ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬'କୁ ସଫଳ କରିବା ପାଇଁ ପ୍ରଦେଶ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଚଳିତବର୍ଷ ପାର୍ଟିର ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲ୍ଲା ସମେତ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲାସ୍ତରରୁ ଆରମ୍ଭ କରି ପ୍ରଦେଶ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ସାଂସଦମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉଷେଣ୍ଡି, ରାଷ୍ଟ୍ରୀୟ ପ୍ରଶିକ୍ଷଣ ଟୋଲି ସଦସ୍ୟା ତଥା ରାଷ୍ଟ୍ରୀୟ ଉପସଭାନେତ୍ରୀ ତଥା ରାଜ୍ୟସଭା ସାଂସଦ କବିତା ପଟିଦାର, ପୂର୍ବ କ୍ଷେତ୍ର ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ପ୍ରଶିକ୍ଷଣ ଟୋଲି ସଦସ୍ୟମାନେ ଯୋଗଦେଇ ଆଲୋଚନା କରିଥିଲେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି।

ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ସଂପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଶୃଙ୍ଖଳା ଓ ଅନୁଶାସନକୁ ଗୁରୁତ୍ୱ ଦେଇ ଏବଂ ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଶିବିରରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ। ପ୍ରଥମରେ ରାଷ୍ଟ୍ର, ଦ୍ୱିତୀୟରେ ସଂଗଠନ ଏବଂ ତୃତୀୟ ତଥା ଶେଷରେ ବ୍ୟକ୍ତି, ଏହା ହେଉଛି ବିଜେପିର ମୂଳମନ୍ତ୍ର । ସମାଜ ଓ ରାଷ୍ଟ୍ର ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟକୁ ତୁଳାଇବା ଲକ୍ଷ୍ୟରେ ସମର୍ପିତ କାର୍ଯ୍ୟକର୍ତ୍ତା ନିର୍ମାଣ ହେଉଛି ପ୍ରଶିକ୍ଷଣର ମୂଳ ଉଦ୍ଦେଶ୍ୟ। ପ୍ରଶିକ୍ଷଣକୁ ବ୍ୟବସ୍ଥିତ, ଶୃଙ୍ଖଳିତ, ସଂଗଠିତ ଏବଂ ସଫଳ କରିବା ପାଇଁ ହେବ ସେସବୁ ବିଷୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ବିକାଶ ପାଇଁ କେଉଁ ବିଷୟରେ ପ୍ରଶିକ୍ଷଣ ରହିବ ସେସବୁ ପ୍ରସଙ୍ଗ ନିର୍ଦ୍ଧାରିତ ହୋଇଥିଲା । ରାଜ୍ୟସ୍ତରରୁ ବୁଥ ସ୍ତର ଯାଏଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ। ଏ ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ କିପରି ସମାପ୍ତ ହେବ ସେ ଉପରେ ବୈଠକରେ ଖସଡା ପ୍ରସ୍ତୁତ କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

ଜାତୀୟ ଚେତନା
JATIYA CHETANA



# ସାଉଥ୍ ଆଫ୍ରିକା ୭୬ ରନ୍‌ରେ ବିଜୟୀ

ଅହମଦାବାଦ,(ଏଜେନ୍ସି): ଚଳିତ ଟି-୨୦ ବିଶ୍ୱକପ୍‌ର ନିଜର ପ୍ରଥମ ସୁପର୍-୮ ମ୍ୟାଚ୍‌ରେ ଭାରତ ଶୋଚନୀୟ ଭାବେ ପରାଜିତ ହୋଇଛି। ରବିବାର ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସାଉଥ୍ ଆଫ୍ରିକା ୭୬ ରନ୍‌ରେ ଭାରତକୁ ମାତ୍ ଦେଇଛି। ଏହି ପରାଜୟ ଫଳରେ ଭାରତର ସେମିଫାଇନାଲ୍ ଆଶାକୁ ଜୋର୍‌ଦାର ଧକ୍କା ଲାଗିଛି। କାରଣ ଏହା ଦ୍ୱାରା ଭାରତର ନେଟ୍ ରନ୍‌ରେଟ୍ ବହୁଳ ଭାବେ ପ୍ରଭାବିତ ହୋଇଛି। ଟସ୍ ଜିତି ବ୍ୟାଟିଂ ନେଇଥିବା ସାଉଥ୍ ଆଫ୍ରିକା ୭ ୱିକେଟ୍ ହରାଇ ୧୮୭ ରନ୍ କରିଥିଲା। ଜବାବରେ ଭାରତ ୧୮.୫ ଓଭର୍‌ରେ ମାତ୍ର ୧୧୧ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି।




୧୮୮ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଭାରତ ପ୍ରଥମ ଓଭର୍‌ରେ ହିଁ ଓପ୍ନର୍ ଈଶାନ୍ କିଶନ୍‌ଙ୍କ ୱିକେଟ୍ ହରାଇଥିଲା। ଈଶାନ୍ ଖାତା ଖୋଲିବା ପୂର୍ବରୁ ଏଡେନ୍ ମାର୍କରମ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ତିଳକ ବର୍ମା ୧ ରନ୍‌ରେ ମାର୍କୋ ଜାନ୍‌ସେନ୍‌ଙ୍କ ଶିକାର ହୋଇଥିଲେ। ଅଭିଷେକ ଶର୍ମା ୧୫ ରନ୍ କରି ଜାନ୍‌ସେନ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ୱାଶିଂଟନ୍ ସୁନ୍ଦର ୧୧ ଏବଂ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବ ୧୮ ରନ୍ କରି ବିଦାୟ ନେଇଥିଲେ। ଭାରତ ୫୧ ରନ୍‌ରେ ୫ ୱିକେଟ୍ ହରାଇବା ପରେ କେଶବ ମହାରାଜ ୧୫ତମ ଓଭର୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା (୧୮) ଏବଂ ରିଙ୍କୁ ସିଂହ (୦)ଙ୍କୁ ଆଉଟ୍ କରି ଭାରତର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଶିଭମ୍ ଦୁବେ ୩୭ ବଲ୍‌ରେ ଗୋଟିଏ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୪୨ ରନ୍ କରିଥିଲେ। ସାଉଥ୍ ଆଫ୍ରିକା ପକ୍ଷରୁ ମାର୍କୋ ଜାନ୍‌ସେନ୍ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ କେଶବ ମହାରାଜ ୩ଟି, କର୍ବିନ୍ ବଶ୍ ୨ଟି ଏବଂ ଏଡେନ୍ ମାର୍କରମ୍ ଗୋଟିଏ ସଫଳତା ପାଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ସାଉଥ୍ ଆଫ୍ରିକାକୁ ଜସ୍‌ପ୍ରୀତ୍ ବୁମ୍‌ରା ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ସେ ଓପ୍ନର୍ କ୍ୱିଣ୍ଟନ୍ ଡିକକ୍ (୪)ଙ୍କୁ ବୋଲ୍ଡ କରି ଫେରାଇଥିଲେ। ଏହାପରେ କ୍ୟାପ୍‌ଟେନ୍ ଏଡେନ୍ ମାର୍କରମ୍ (୬)ଙ୍କୁ ଅର୍ଶଦୀପ୍ ସିଂହ କ୍ୟାଚ୍ ଆଉଟ୍ କରାଇଥିଲେ। ପରେ ର୍ୟାନ୍ ରିକେଲ୍‌ଟନ୍ (୭)ଙ୍କୁ ଆଉଟ୍ କରି ବୁମ୍‌ରା ସାଉଥ୍ ଆଫ୍ରିକା ସ୍କୋର୍ ୨୦/୩ କରିଥିଲେ। ମାତ୍ର ଏହାପରେ ଡେୱାଲ୍ଡ ବ୍ରେଭିସ୍ ଓ ଡେଭିଡ୍ ମିଲର୍ ଇନିଂସ୍ ସମ୍ଭାଳି ଚତୁର୍ଥ ୱିକେଟ୍ ପାଇଁ ୯୭ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ବିପଦରୁ ମୁକୁଳାଇଥିଲେ। ବ୍ରେଭିସ୍ ୨୯ ବଲ୍‌ରେ ୩ଟି ଲେଖାଏଁ ଛକା ଓ ଚୌକା ବଳରେ ୪୫ ରନ୍ କରିଥିବା ବେଳେ ମିଲର୍ ୩୫ ବଲ୍‌ରେ ୭ ଚୌକା ଓ ୩ ଛକା ବଳରେ ୬୩ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ପରେ ଟ୍ରିଷ୍ଟନ୍ ଷ୍ଟବ୍ସ ୨୪ ବଲ୍‌ରେ ଗୋଟିଏ ଚୌକା ଓ ୩ ଛକା ଦମ୍‌ରେ ଅପରାଜିତ ୪୪ ରନ୍ କରି ଭାରତକୁ ଏକ ଚ୍ୟାଲେଞ୍ଜିଂ ଲକ୍ଷ୍ୟ ଦେଇଥିଲେ। ଭାରତ ପକ୍ଷରୁ ବୁମ୍‌ରା ସର୍ବାଧିକ ୩ଟି, ଅର୍ଶଦୀପ୍ ସିଂହ ୨ଟି ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତୀ ଓ ଶିଭମ୍ ଦୁବେଙ୍କ ୧-୧ ସଫଳତା ମିଳିଥିଲା।

# ପରଦାକୁ ଫେରିବାକୁ ପ୍ରସ୍ତୁତ ରଜନୀକାନ୍ତ ଓ କମଲ ହାସନ ଯୋଡ଼ି

ପ୍ରାୟ ୫ ଦଶନ୍ଧି ପରେ ଦକ୍ଷିଣ ଭାରତୀୟ ସିନେମାର ଦୁଇ ସବୁଠାରୁ ବଡ଼ ତାରକା - କମଲ ହାସନ ଏବଂ ରଜନୀକାନ୍ତ ଏକାଠି ନଜର ଆସିବାକୁ ଯାଉଛନ୍ତି। ପୂର୍ବରୁ ଏନେଇ ଘୋଷଣା ହୋଇଥିବା ବେଳେ ବର୍ତ୍ତମାନ ନିର୍ମାତା ଏହାର ଝଲକ (ପ୍ରମୋ) ସେୟାର କରିଛନ୍ତି । ଆଗାମୀ ଚଳଚ୍ଚିତ୍ର, ଯାହାର ନାମ 'କେଏଚ୍ ଗୁଣନ ଆରକେ', ଏହାର ପ୍ରଥମ ପ୍ରମୋ ସାମ୍ନାକୁ ଆସିଛି। ନେଲସନ ଦିଲ୍ଲୀପ କୁମାରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ୪୭ ବର୍ଷ ପରେ ସେମାନଙ୍କୁ ପରଦାକୁ ଫେରାଇ ଆଣୁଛି ଏବଂ ଏହି ଯୋଡ଼ିର ପୁନର୍ମିଳନକୁ ସୂଚାଉଛି।

ମୁକ୍ତିଲାଭ କରିଥିବା ପ୍ରମୋ ଭିଡିଓରେ ଏକ ଦୃଢ଼ ପୁରାତନ ଶୈଳୀ (ରେଟ୍ରୋ) ଏବଂ ଅପରାଧୀ ଗୋଷ୍ଠୀ (ଗ୍ୟାଙ୍ଗଷ୍ଟର) ଶୈଳୀର ବିଷୟବସ୍ତୁ ରହିଛି। ଏହା ଏକ ହାସ୍ୟରସରୁ ଆରମ୍ଭ ହୁଏ ଯେଉଁଥିରେ ନିର୍ଦ୍ଦେଶକ ନେଲସନ ଏକ କରିଡରରେ ବ୍ୟସ୍ତ ହୋଇ ଚାଲୁଥିବାର ଦେଖାଯାଏ। ସେ ଦ୍ୱନ୍ଦ୍ୱରେ ପଡ଼ି ଭାବନ୍ତି ଯେ ସେ ପ୍ରଥମେ ରଜନୀକାନ୍ତଙ୍କ କୋଠରୀକୁ ଯିବେ ନା କମଲ ହାସନଙ୍କ କୋଠରୀକୁ। ସେହି ମୁହୂର୍ତ୍ତରେ ସଙ୍ଗୀତ ନିର୍ଦ୍ଦେଶକ ଅନିରୁଦ୍ଧ ରବିଚନ୍ଦ୍ର ନିଜସ୍ୱ ଏକ ଦ୍ୱନ୍ଦ୍ୱ ନେଇ ସେଠାକୁ ଆସନ୍ତି। ସେ ନେଲସନଙ୍କୁ ପଚାରନ୍ତି ଯେ ଚଳଚ୍ଚିତ୍ରର ସଙ୍ଗୀତ ପାଇଁ ସେ କେଉଁ ରାଗ ବାଛିବା ଉଚିତ୍। ଦୁଇଟି ଆଙ୍ଗୁଠି ଦେଖାଇ, ଅନିରୁଦ୍ଧ ସେହି ପୁରୁଣା 'ସନ୍ଦେହ ହେଲେ ଗୋଟିଏ ବାଛନ୍ତୁ' ଉପାୟଟି ପରାମର୍ଶ ଦିଅନ୍ତି।

ଅନିରୁଦ୍ଧଙ୍କୁ ବାଛିବାରେ ସାହାଯ୍ୟ କରିବା ପରେ, ନେଲସନ ତାଙ୍କର ବଡ଼ ସମସ୍ୟାର ସମାଧାନ ପାଇଁ ସମାନ ଟ୍ରିକ୍ ବ୍ୟବହାର କରନ୍ତି - ଦୁଇ କିମ୍ବଦନ୍ତୀ ମଧ୍ୟରେ ନିଷ୍ପତ୍ତି ନେବା। ଏହା ପରେ ଏକ ହାଲୁକା ମୋଣ୍ଟାଜ୍ ଅଛି ଯେଉଁଠାରେ ନେଲସନ୍ ଉଭୟ ଅଭିନେତାଙ୍କୁ ପ୍ରସ୍ତୁତ ହେବାରେ ସାହାଯ୍ୟ କରୁଥିବାର ଦେଖାଯାଉଛି। ସେ ମଜାଦାର ଭାବରେ ସେମାନଙ୍କର ଆସେସୋରିଜ୍ ଏବଂ ପୋଷାକକୁ ମିଶ୍ରଣ କରୁଛନ୍ତି, ଦାବି କରୁଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ଜୋତା ରଜନୀକାନ୍ତଙ୍କର।

ତା'ପରେ ସ୍ୱର ବଦଳିଯାଏ। ପ୍ରୋମୋରେ କମଲ ହାସନ ଏବଂ ରଜନୀକାନ୍ତଙ୍କ ଷ୍ଟାଇଲିସ୍ ଲୁକ୍ ଦେଖିବାକୁ ମିଳିଛି। ଉଭୟ ଷ୍ଟାର ପୂର୍ଣ୍ଣ-ଲମ୍ବ ଚମଡା ଜ୍ୟାକେଟ୍ ପିନ୍ଧି ପ୍ରବଳ ରେଟ୍ରୋ ଗ୍ୟାଙ୍ଗଷ୍ଟର ଭାଇବ୍ସରେ ନଜର ଆସିଛନ୍ତି। କମଲ ହାସନ ଡ୍ରାଇଭରଙ୍କ ସିଟ୍ ନିଅନ୍ତି ଯେତେବେଳେ ରଜନୀକାନ୍ତ ତାଙ୍କ ପାଖରେ ବସିଥାନ୍ତି। କ୍ଲିପ୍ ଏକ ଶକ୍ତିଶାଳୀ ନୋଟରେ ଶେଷ ହୁଏ ଯେତେବେଳେ ଉଭୟ ନେଲସନଙ୍କ ଆଡ଼କୁ ବୁଲି ତାଙ୍କୁ ପଚାରିଥାନ୍ତି, 'ହିରୋ କିଏ ?' ତେବେ ପୂର୍ବରୁ ରଜନୀକାନ୍ତ ଷ୍ଟାରର ଜେଲର ନିର୍ଦ୍ଦେଶନା ଦେଇଥିବା ବେଳେ ଏହା ଜେଲର ୨ ବୋଲି ଆଶା କରାଯାଉଛି। ନେଲସନ ଦିଲ୍ଲୀପ କୁମାର ଏହାକୁ ପ୍ରସ୍ତୁତ କରୁଥିବା ବେଳେ ସଙ୍ଗୀତକୁ ଅନିରୁଦ୍ଧ ରବିଚାନ୍ଦ ରଚନା କରିବେ।

କହିରଖୁଛୁ କି, ତାମିଲ ସିନେମାର ଦୁଇ ବଡ଼ ଆଇକନ୍ କମଲ ହାସନ ଏବଂ ରଜନୀକାନ୍ତ ପୂର୍ବରୁ ଅପୂର୍ବ ରାଗଙ୍ଗାଲ, ୧୬ ଭାୟାଥିନିଲେ, ମୁଣ୍ଡ୍ରୁ ମୁଦିଚ୍ଚୁ, ଆଭ୍ଳୁ ଆଲାଙ୍ଗଲ ଏବଂ ନିନାଇଥାଲେ ଇନିକ୍କୁମ୍ ସମେତ ଅନେକ ସ୍ମରଣୀୟ ୧୯୮୦ ଦଶକର ଚଳଚ୍ଚିତ୍ରରେ ସ୍କ୍ରିନ୍ ସେୟାର କରିଥିଲେ। ସମୟ ସହିତ, ଅଭିନେତାମାନେ ଭିନ୍ନ ଭିନ୍ନ କ୍ୟାରିଅର୍ ପଥ ବାଛିଥିଲେ। ତେବେ ବର୍ତ୍ତମାନ ପୁଣି ଉଉଭୟ ତାରକାଙ୍କୁ ଏକାଠି ଦେଖିବାକୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଛନ୍ତି।



# କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କ ଭାଗ୍ୟ ବଦଳାଇଥିବା ସେଇ ଗୀତ: 'ବୋଉଲୋ କି କହିବି...'



୧୯୬୯ ମସିହାର କଥା। ଓଡ଼ିଶାର ପ୍ରଖ୍ୟାତ ଲେଖିକା କୁନ୍ତଳା କୁମାରୀ ଆଚାର୍ଯ୍ୟଙ୍କ ଉପନ୍ୟାସ 'ଅଦିନ ମେଘ'କୁ ନେଇ ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟ ଚାଲିଥାଏ। କଟକର କଳା ବିକାଶ କେନ୍ଦ୍ରରେ ସଙ୍ଗୀତ ନିର୍ଦ୍ଦେଶକ ବାଳକୃଷ୍ଣ ଦାଶ ସ୍ୱର ସଂଯୋଜନାରେ ବ୍ୟସ୍ତ ଥାଆନ୍ତି। ଠିକ୍ ସେତିକି ବେଳେ ଗାୟିକା ସ୍ୱାଗତିକା ରଥ ଓ ତାଙ୍କ ପିତା ଗୌରାଙ୍ଗ ସାମନ୍ତରାୟଙ୍କ ଦ୍ୱାରା ଲିଖିତ ଏକ ଗୀତ ଧରି ବାଳକୃଷ୍ଣବାବୁଙ୍କ ପାଖକୁ ଆସନ୍ତି। ଗୀତଟିର ଶବ୍ଦ ଓ ଭାବ ବାଳକୃଷ୍ଣବାବୁଙ୍କୁ ଏତେ ପ୍ରଭାବିତ କରେ ଯେ, ସେ ତତ୍‌କ୍ଷଣାତ ହାର୍‌ମୋନିୟମ୍ ଧରି ଏହାର ଏକ ଚମତ୍କାର ସ୍ୱର ପ୍ରସ୍ତୁତ କରିବାକୁ ବସିଯାଆନ୍ତି।

ସେହି ସମୟରେ ସେଠାରେ ଦୁଇଜଣ ଉଦୀୟମାନ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଓ ତୃପ୍ତି ଦାସ ଉପସ୍ଥିତ ଥାଆନ୍ତି। ଗୀତଟିର ସ୍ୱର ଏତେ ଆକର୍ଷଣୀୟ ହୋଇଥିଲା ଯେ, ବାଳକୃଷ୍ଣ ବାବୁ ଏହାକୁ 'ଅଦିନ ମେଘ' ଚଳଚ୍ଚିତ୍ରରେ ସାମିଲ କରିବାକୁ ନିଷ୍ପତ୍ତି ନେଲେ। ପ୍ରଯୋଜକ ବାବୁଲାଲ୍ ଦୋଶୀ ଓ ନିର୍ଦ୍ଦେଶକ ଅମିତ୍ ମୈତ୍ର ମଧ୍ୟ ଏଥିରେ ସହମତି ପ୍ରକାଶ କଲେ। ମାତ୍ର ସମସ୍ୟା ହେଲା ଗୀତଟିକୁ ଗାଇବ କିଏ ? ବାଳକୃଷ୍ଣ ଦାଶ ପ୍ରଥମେ ଗୀତା ପଟ୍ଟନାୟକଙ୍କୁ ବାଛି ସ୍ୱର ପରୀକ୍ଷା ମଧ୍ୟ କରିଥିଲେ। ମାତ୍ର ଗୀତାଙ୍କ କଣ୍ଠସ୍ୱର ଖୁବ୍ କୋମଳ ଓ ପତଳା ଥିବାବେଳେ, ଗୀତଟି ଜଣେ ବାଳକ ଚରିତ୍ର ଉପରେ ଚିତ୍ରାୟଣ ହେବାର ଥିବାରୁ ଟିକେ ମୋଟା ନାରୀକଣ୍ଠର ଆବଶ୍ୟକତା ଥିଲା।

ଶେଷରେ ତୃପ୍ତି ଦାସଙ୍କର ଭଏସ୍ ଟେଷ୍ଟ୍ ନିଆଗଲା ଏବଂ ତାଙ୍କ ସ୍ୱର ସେହି ପାତ୍ର ପାଇଁ ଏକଦମ ଠିକ୍ ବୋଲି ହୃଦୟଙ୍ଗମ ହେଲା। ଏହିପରି ଭାବେ ଗୀତାଙ୍କ ପାଇଁ ସ୍ଥିରୀକୃତ ଗୀତଟି ଶେଷରେ ତୃପ୍ତି ଦାସଙ୍କ କଣ୍ଠରେ ରେକର୍ଡ କରାଗଲା। 'ବୋଉଲୋ କି କହିବି ନୂଆ ଭାଉଜଙ୍କ କଥା...' ଗୀତଟି ମୁକ୍ତିଲାଭ କରିବା ପରେ ସାରା ଓଡ଼ିଶାରେ ଅପୂର୍ବ ସଫଳତା ପାଇଲା। ଏହା କେବଳ ଏକ ଲୋକପ୍ରିୟ ଗୀତ ହୋଇ ରହିଲା ନାହିଁ, ବରଂ ତୃପ୍ତି ଦାସଙ୍କ ସଙ୍ଗୀତ କ୍ୟାରିୟର ପାଇଁ ଏକ ଅବିସ୍ମରଣୀୟ ମାଇଲଖୁଣ୍ଟ ସାବ୍ୟସ୍ତ ହେଲା।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ